ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶୁକ୍ରବାର ୦୩ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 NOVEMBER 2023
Vol.No. 34 ■ No. 288■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ସମନ୍ ମିଳିଲା, ହାଜର ହେଲେନି କେଜ୍ରିୱାଲ

ନୂଆଦିଲ୍ଲୀ,୨/୧୧ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ହାଜର ହେବା ପାଇଁ ନୋଟିସ୍ କରିଥିଲା ପ୍ରବର୍ତନ ନିର୍ଦ୍ଦେଶାଳୟ । ହେଲେ ଗୁରୁବାର ଇଡିରେ ହାଜର ହୋଇନାହାନ୍ତି ମୁଖ୍ୟମନ୍ତ୍ରୀ । ଇଡି ପଠାଇଥିବା ନୋଟିସର ପାଲଟା ଜବାବ ଦେଇଛନ୍ତି କେଜ୍ରିୱାଲ । ନୋଟିସକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ବେଆଇନ୍ ବୋଲି ସେ କହିଛନ୍ତି । କେଜ୍ରିୱାଲଙ୍କୁ ସମନ କରିବା ପୂର୍ବରୁ ତଦନ୍ତକାରୀ ସଂସ୍ଥା ସବୁ ପ୍ରମାଣ ସଂଗ୍ରହ କରିଥିଲା । କିନ୍ତୁ ଏବେ ସେ ଇଡିର ନୋଟିସକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଇଡିର ନୋଟିସ୍ ପଠାଯିବା ନେଇ ଅଭିଯୋଗ କରିଛି ଆମ୍ ଆଦମୀ ପାର୍ଟି ।



କହିଛି, ବିଜେପି ଇସାରାରେ କାମ କରୁଛି ଇଡି । ଏମିତି କରି ବିଜେପି, ଆପ୍ ଦଳକୁ ଶେଷ କରିଦେବାକୁ ପ୍ରୟାସ କରୁଥିବା କହିଛି । ସେପଟେ ଇଡିରେ ହାଜର ନହେବା ନେଇ କେଜ୍ରିୱାଲଙ୍କ ଉପରେ ଖୁବ୍ ବର୍ଷିଛି ବିଜେପି । ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ଯଦି ଅରବିନ୍ଦ କେଜ୍ରିୱାଲ କିଛି ଭୁଲ୍ କରିନାହାନ୍ତି, ତାହେଲେ କାହିଁକି ଡରୁଛନ୍ତି ? ନିଜକୁ ସଚ୍ଚୋଟ ବୋଲି କହୁଥିବା କେଜ୍ରିୱାଲ କାହିଁକି ଇଡିର ନୋଟିସକୁ ଡରୁଛନ୍ତି ? ଦିଲ୍ଲୀର ମୁଖ୍ୟମନ୍ତ୍ରୀଙ୍କ ଉପରେ କାହାର ଭରସା ନାହିଁ । ଅରବିନ୍ଦ କେଜ୍ରିୱାଲ ଆଦୌ ସଚ୍ଚୋଟ ନୁହଁନ୍ତି, ସେ ଜଣେ କଟ୍ଟର ବେଇମାନ୍ ବୋଲି ସମ୍ବିତ ଅଭିଯୋଗ କରିଛନ୍ତି । ସେପଟେ ଇଡିରେ ହାଜର ନହୋଇ ମଧ୍ୟପ୍ରଦେଶରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ଆଗକୁ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ସେଠାରେ ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ।

## ଦିନ ଦ୍ୱିପ୍ରହରେ ଚୋରି

ବସ୍ତା, ୨/୧୧ (ନି.ପ୍ର): ରୂପସାଥାନା ଅଧିନସ୍ଥ ମିରିଗିମୁଣ୍ଡି ଗ୍ରାମରେ ଗୁରୁବାର ଦିନ ଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି ।ଘଟଣାରୁ ପ୍ରକାଶ ଆଜି ଦିନ ପ୍ରାୟ ୧୦ଟାରୁ ୧୨ଟା ମଧ୍ୟରେ ଗୌତମ କୁମାର ମହାନ୍ତି ଘରେ ନଥିବା ସମୟରେ ଘରର ତାଲାଭାଙ୍ଗି ୧ ଲକ୍ଷ ୫ ହଜାର ,ଟଙ୍କା ସମେତ ସୁନାହାର ୨ ଟା , ୬ ହଳ କାନ ଫୁଲ , ୫ ଟା ମୁଦି ଚୋରି ହୋଇଥିବା ନେଇ ରୂପସା ଥାନାରେ ଗୌତମ ଅଭିଯୋଗ କରିଥିଲେ ।ଅଭିଯୋଗ ପାଇବସ୍ତା ଉପଖଣ୍ଡ ଅଧିକାରୀ ମାନସକୁମାର ଦେଓ ସମେତ ରୂପସା ଆଇଆଇସି ସଚିଦାନନ୍ଦ ଗିରି ସାଇଣ୍ଟିଫିକ ଟିମ୍ ସହ ସଦଳବଳେ ପହଞ୍ଚି ତଦନ୍ତ ଜାରିରଖିଛନ୍ତି ।

## ମନୋଜ ମିଶ୍ରଙ୍କ ସମର୍ଥନରେ ପଶ୍ଚିମ ଓଡ଼ିଶା ନେତା

ଭୁବନେଶ୍ୱର, ୨/୧୧ (ନି.ପ୍ର): ଓଲିଉଡ୍ ବିବାଦ ଘଟଣାରେ ମନୋଜ ମିଶ୍ରଙ୍କୁ ସମର୍ଥନ ଜଣାଇଛନ୍ତି ପଶ୍ଚିମ ଓଡ଼ିଶା ନେତା। ଅଭିନେତା ମନୋଜଙ୍କ ଉପରୁ ତୁରନ୍ତ ବ୍ୟାନ ପ୍ରତ୍ୟାହାର ଦାବି କରିଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା। ସେ କହିଛନ୍ତି ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନୋଭାବକୁ ନିନ୍ଦା କରୁଛୁ। ପଶ୍ଚିମ ଓଡ଼ିଶାକୁ ରାଜ୍ୟ ସରକାର ପ୍ରାଥମିକତା ଦିଅନ୍ତୁ। ସେହିପରି ମହାକୋଶଳ ବନ୍ଦ ଡାକରାକୁ ସମର୍ଥନ କରିଛନ୍ତି ବିଜେପି ବିଧାୟକ ମୁକେଶ ମହାଲିଙ୍ଗ। ଏହି ଇସ୍ୟୁରେ ଆମେ ପଶ୍ଚିମ ଓଡ଼ିଶାବାସୀଙ୍କ ସହ ଅଛୁ ଶ୍ରୀ ମହାଲିଙ୍ଗ କହିଛନ୍ତି। ଏହା ବ୍ୟତୀତ ବିଜେପି ସାଂସଦ ସଙ୍ଗୀତା ସିଂହଦେଓ ମଧ୍ୟ ଏହି ବିବାଦକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

## ଲାଞ୍ଚ ମାଗି ଗିରଫ ହେଲେ ଦୁଇ ଇଡି ଅଧିକାରୀ

ନୂଆଦିଲ୍ଲୀ,୨/୧୧ : ଲାଞ୍ଚ ନେଇ ବନ୍ଧା ହେଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦୁଇ ଅଧିକାରୀ। ରାଜସ୍ଥାନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦୁଇ ଜଣ ଅଧିକାରୀଙ୍କ ବିରୋଧରେ ଲାଞ୍ଚ ନେଇଥିବା ଅଭିଯୋଗ ଆସିଛି। ଏହାପରେ ଉଭୟଙ୍କୁ ଗିରଫ କରାଯାଇଛି। ଚିଟ୍‌ଫଣ୍ଡ ମାମଲାରେ କେସ୍ ରୁଜୁ ନକରିବାକୁ ଜଣେ ବ୍ୟବସାୟୀଙ୍କ ଠାରୁ ୧୫ ଲକ୍ଷ ଟଙ୍କା ମାଗିଥିବା ଅଭିଯୋଗ ହୋଇଛି। ରାଜସ୍ଥାନ ଦୁର୍ନୀତି ନିରୋଧ ବ୍ୟୁରୋ ତଥା ଏସିବି ତରଫରୁ ଦୁଇ ଇଡି ଅଧିକାରୀଙ୍କୁ ହେପାଜତକୁ ନିଆଯାଇଛି। ଏହି ଦୁଇ ଇଡି ଅଧିକାରୀ ଜଣେ ବ୍ୟବସାୟୀଙ୍କୁ ୧୫ ଲକ୍ଷ ଟଙ୍କା ଲାଞ୍ଚ ମାଗିବା ବେଳେ ଧରା ପଡିଛନ୍ତି। ଏହା ପୂର୍ବରୁ ଏସିବି ଇଡି ଅଧିକାରୀଙ୍କର ଆୟ ଠାରୁ ଅଧିକ ସମ୍ପତ୍ତି ରହିଛି ବୋଲି ଜାଣିବାକୁ ପାଇଥିଲା। ଏହାପରେ ଏସିବି ତରଫରୁ ଇଡି ଅଧିକାରୀଙ୍କର ବିଭିନ୍ନ ଠିକଣାରେ ଚଢାଉ କରିଥିଲା। ଚଢାଉ ବେଳେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ଆଗକୁ ରାଜସ୍ଥାନରେ ବିଧାନସଭା ନିର୍ବାଚନ ରହିଛି। ତେବେ ନିର୍ବାଚନ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରାଜସ୍ଥାନରେ ସକ୍ରିୟ ହୋଇ ଉଠିଛି। ଏକ ୧୨ ବର୍ଷ ତଳର ପୁରୁଣା ମାମଲାକୁ ନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ଗେହଲଟଙ୍କୁ ଇଡି ନୋଟିସ କରିଛି। ଏହାସହ ଅନ୍ୟ ଏକ ମାମଲାରେ ରାଜସ୍ଥାନ କଂଗ୍ରେସ ମୁଖ୍ୟଙ୍କ ଠିକଣାରେ ମଧ ଇଡି ଚଢାଉ କରିଥିଲା।

## ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

ଗଞ୍ଜାମ, ୨/୧୧ (ନି.ପ୍ର): ଅକ୍ଟୋବର ୩୦ ତାରିଖରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ବେଳେ ଆଜି ରାଜ୍ୟରେ ଲାଞ୍ଚ ନେଇ ଧରାପଡ଼ିଛନ୍ତି ଦୁଇ ଜଣ ସରକାରୀ ଅଧିକାରୀ। ସେମାନଙ୍କ ମଧ୍ୟରୁ ଜଣେ ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ଅନ୍ୟ ଜଣେ କନିଷ୍ଠ ଯନ୍ତ୍ରୀ (ଜେଇଇ)। କନିଷ୍ଠ ଯନ୍ତ୍ରୀ ଜଣଙ୍କ ହେଉଛନ୍ତି ମହିଳା। ତାଙ୍କ ନାଁ ସାଗରିକା ମହାନ୍ତି। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଏନ୍‌ଏସିରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସାଗରିକା ମହାନ୍ତି ଜଣେ ବ୍ୟକ୍ତିଙ୍କ ଘରର ନକ୍ସାକୁ ଅନୁମତି ଦେବାକୁ ଫାଇଲ୍



କାମ ଆଗେଇ ନେବାକୁ ଲାଞ୍ଚ ମାଗିଥିଲେ। ଆଜି ସେ ଅଭିଯୋଗକାରୀଙ୍କଠାରୁ ୪୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ସାଗରିକା ମହାନ୍ତି ଲାଞ୍ଚ ଅର୍ଥ ସହିତ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଏହି ଘଟଣାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲା ମୋଟୁ ତହସିଲର ମୋଟୁ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ସୂରଜଚନ୍ଦ୍ର ବଳ ଆଜି ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ଜବରଦଖଲ ମାମଲାରେ ନୋଟିସ୍ ଜାରି କରିବା ପାଇଁ ସେ ଏହି ଅର୍ଥ ନେଉଥିଲେ।

## ଓଡ଼ିଆ ଖଣି ବ୍ୟବସାୟୀଙ୍କ ୨୧ କୋଟି ଟଙ୍କାର ସମ୍ପତ୍ତି ଜବତ କଲା ଇଡି

ଭୁବନେଶ୍ୱର, ୨/୧୧ (ନି.ପ୍ର): ଓଡ଼ିଆ ଖଣି ବ୍ୟବସାୟୀଙ୍କ ପ୍ରାୟ ୨୧.୧୫କୋଟି ଟଙ୍କାର ୧୮ଟି ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛନ୍ତି। ଭୁବନେଶ୍ୱରର ଅନମୋଲ୍ ମାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଏହି ସମ୍ପତ୍ତିକୁ ଜବତ କରାଯାଇଛି । ହିମାଚଳ ପ୍ରଦେଶର କମ୍ପାନୀ ମେସର୍ସ ଇଣ୍ଡିଆନ ଟେକ୍ନୋମାକ୍ କମ୍ପାନୀ ଲିଃ(ଆଇଟିସିଓଏଲ) ବ୍ୟାଙ୍କ ଋଣ ଅର୍ଥରେ ଜାଲିଆତି କରିବା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି କାର୍ଯ୍ୟାନୁଷ୍ଠାନ ନେଇଛି । ବ୍ୟାଙ୍କ ଅଫ ଇଣ୍ଡିଆରୁ ୨୦୦୯ରୁ ୨୦୧୩ ମସିହା ମଧ୍ୟରେ ଜାଲିଆତି କରି ଆଇଟିସିଓଏଲ୍ କମ୍ପାନୀ ଆଣିଥିବା ଋଣ ଅର୍ଥକୁ ବେଆଇନ ଭାବେ ନିଜର ଅନ୍ୟ କମ୍ପାନୀ ଓ ଓଡ଼ିଶାର ଅନମୋଲ୍ ଖଣି କମ୍ପାନୀ ସହ ଯୌଥ ଉଦ୍ୟୋଗ ମାଧ୍ୟମରେ ବିନିଯୋଗ କରିଥିବା ଜଣାପଡ଼ିଛି । ହିମାଚଳ ପ୍ରଦେଶ କ୍ରାଇମବ୍ରାଂଚର ଅଭିଯୋଗ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂଚନା ଅନୁସାରେ, ଖଣି ବ୍ୟବସାୟୀ ଶକ୍ତିରଞ୍ଜନ ଦାଶ ଓ ସୌମ୍ୟା ସେଫାଳିକା ଦାଶଙ୍କ ମାଲିକାନାରେ ଥିବା କମ୍ପାନୀ ଅନମୋଲ୍ ମାଇନ୍ସ ପ୍ରାଇଭେଟ୍ ଲମିଟେଡର ବଡ଼ବିଲସ୍ଥିତ

▶▶ପୃଷ୍ଠା ୭




## ସଞ୍ଜୀୟଙ୍କୁ ଭଦ୍ରକ ଓ ପ୍ରତାପ ଜେନାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ



ଭୁବନେଶ୍ୱର, ୨/୧୧ (ନି.ପ୍ର) : ପ୍ରାୟ ଅଢ଼େଇ ବର୍ଷର ସାଂଗଠନିକ ନିର୍ବାସନର ଅନ୍ତ ହୋଇଛି । ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା। ପୁଣିଥରେ ସକ୍ରିୟ ସାଂଗଠନିକ ଭୂମିକାକୁ ଫେରିଛନ୍ତି । ତାଙ୍କୁ ଦୀର୍ଘଦିନ ଧରି କୋଣଠେସା କରିଥିବା ବିଜେଡି ରଣନୀତିକାର ଏବେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସଞ୍ଜୟଙ୍କୁ ପୁଣିଥରେ ସକ୍ରିୟ ସାଂଗଠନିକ ଦାୟିତ୍ୱ ନ୍ୟସ୍ତ କରିବାକୁ ଏକରକମ ବାଧ ହୋଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଗୃହ ଜିଲ୍ଲା ତଥା ସାଂଗଠନିକ ଅନ୍ତଃକନ୍ଦଳ(ବିଜେଡି)ରେ ଲିପ୍ତ ଭଦ୍ରକ ଜିଲ୍ଲାର ବିଜେଡି ପର୍ଯ୍ୟବେକ୍ଷକ ଭାବେ ସଞ୍ଜୟଙ୍କୁ ନିଯୁକ୍ତି ମିଳିଛି । ସେହିପରି ମାହାଙ୍ଗା ଡବଲ ମର୍ଡର ମାମଲାରେ ଅଭିଯୁକ୍ତ ପ୍ରତାପ ଜେନାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ନ୍ୟସ୍ତ ହୋଇଛି । ପ୍ରତାପ ପୂର୍ବରୁ ଭଦ୍ରକର ପର୍ଯ୍ୟବେକ୍ଷକ ଥିଲେ । ବିଜେଡି ତାଙ୍କୁ ସାଂଗଠନିକ ଦାୟିତ୍ୱମୁକ୍ତ କରିବାକୁ

▶▶ପୃଷ୍ଠା ୭

## କେତେ ଚାନ୍ଦା ଆଦାୟ କରିଛନ୍ତି ରାଜନୈତିକ ଦଳ ? : ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨/୧୧ : ଚଳିତ ବର୍ଷ ସେପଟ୍ଟେମ୍ବର ୩୦ ସୁଦ୍ଧା କେତେ ଚାନ୍ଦା ଆଦାୟ କରିଛନ୍ତି ରାଜନୈତିକ ଦଳ। ନିର୍ବାଚନ କମିଶନ ଏହାର ସମସ୍ତ ତଥ୍ୟ ଦିଅନ୍ତୁ। ଇଲେକ୍ଟୋରାଲ ବଣ୍ଡ ସ୍କିମ ମାମଲାର ଶୁଣାଣି କରି ଏଭଳି କିଛି ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଇଲେକ୍ଟୋରାଲ ବଣ୍ଡରୁ ରାଜନୈତିକ ଚାନ୍ଦାକୁ ନେଇ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ରିପୋର୍ଟ ମାଗିଛନ୍ତି। ୨୦୨୩ ସେପଟ୍ଟେମ୍ବର ୩୦ ସୁଦ୍ଧା କେଉଁ ଦଳକୁ କେତେ ଚାନ୍ଦା ମଳିଛି। କିଏ କେତେ ଟଙ୍କା ଆଦାୟ କରିଛନ୍ତି। ସେ ସବୁର ରିପୋର୍ଟ ନିର୍ବାଚନ କମିଶନ ଦିଅନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଯଦି ଆବଶ୍ୟକ ପଡେ ଡାଟା ସଂଗ୍ରହ କରିବା ପାଇଁ ଆପଣ ଷ୍ଟେଟ୍ ? ବ୍ୟାଙ୍କଠାରୁ ତଥ୍ୟ ନେଇପାରିବେ ବୋଲି ସିଜେଆଇ କହିଛନ୍ତି। ୨୦୧୯ରେ ଏକ ନିର୍ଦ୍ଦେଶ ପାରିତ ହୋଇଥିଲା। ନିର୍ବାଚନ ବଣ୍ଡ ମାଧ୍ୟମରେ ଫଣ୍ଡ ନେଉଥିବା ସମସ୍ତ ରାଜନୈତିକ ଦଳଙ୍କର ପୂରା ତଥ୍ୟ ନିର୍ବାଚନ କମିଶନଙ୍କୁ ଦେବାକୁ କୁହାଯାଇଥିଲା। ତେବେ ନିର୍ଦ୍ଦେଶ ମିଳିବା ସତ୍ତ୍ୱେ ବି ୨୦୧୯ ପରଠାରୁ

▶▶ପୃଷ୍ଠା ୭

## ଆସିଲେନି ମନୋଜ ମିଶ୍ର: ଝୁଲି ରହିଲା ବିବାଦ

ଭୁବନେଶ୍ୱର, ୧/୧୧ (ନି.ପ୍ର): ଓଲିଉଡ୍‌ରେ ଲାଗି ରହିଥିବା ଝଡ଼ର ଶାନ୍ତ ପାଇଁ ଆଜି ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ହେଲେ ଆସିଲେ ନାହିଁ ଚକ୍ରବ୍ୟୁହରେ ଫସିଥିବା ଅଭିନେତା ମନୋଜ ମିଶ୍ର। ଝୁଲି ରହିଲା ବିବାଦ। ଟରଉଉର ଉଦ୍ୟମ ପରେ ମଧ ଓଲିଉଡ୍ କଳାକାରଙ୍କ କଳିରେ ପଡ଼ିପାରିଲାନି ପୂର୍ଣ୍ଣଚ୍ଛେଦ। ମନୋଜ ମିଶ୍ରଙ୍କ ଉପରେ ଫିଲ୍ମ ପ୍ରଡ୍ୟୁସର ଆସୋସିଏସନ୍ ଲଗାଇଥିବା ବ୍ୟାନ ହଟାଇବାକୁ ଆଜି କଟକ ସ୍ଥିତ ଟରଉଉ ଅଫିସରେ ଏକାଠି ହୋଇଥିଲେ କଳାକାର ଓ ପ୍ରଯୋଜକ ସଂଘ। ତେବେ ଚଳଚ୍ଚିତ୍ର ନିଗମ ଅଧକ୍ଷ କୁନା ତ୍ରିପାଠୀଙ୍କ କହିବା ଅନୁସାରେ, ଏ ଆଲୋଚନା ପୂର୍ବରୁ ମନୋଜଙ୍କୁ ଆସିବାକୁ ବାରମ୍ବାର ଫୋନ କରିଥିଲି। ହେଲେ ମନୋଜଙ୍କଠାରୁ କୌଣସି ଉତ୍ତର ମିଳିନଥିଲା। କୁନା ତ୍ରିପାଠୀ ଆହୁରି ମଧ କହିଛନ୍ତି, ଆଜିର ବୈଠକ ବେଳେ ମନୋଜଙ୍କ ପାଖକୁ ଫୋନ୍ କରିଥିଲି। ଆଉ ଏହାର ଉତ୍ତରରେ ମନୋଜ ତାଙ୍କ ମୂଳ ବ୍ୟାନ ପ୍ରସଙ୍ଗ ଛାଡ଼ି ଅନ୍ୟ କିଛି ପ୍ରସଙ୍ଗରେ ଦାବି ରଖିଥିଲେ ବୋଲି କହିଛନ୍ତି ଟରଉଉ ଅଧକ୍ଷ। ଅନ୍ୟପଟେ ସୋଶାଲ ମିଡିଆରେ ମନୋଜ ଲେଖିଛନ୍ତି, କୁନା ତ୍ରିପାଠୀ ମୋତେ ଫୋନ୍ କରିଥିଲେ। ମୁଁ ତାଙ୍କୁ ସମାଧାନର ବାଟ କହିଛି। ସେପଟେ ବୈଠକରେ ଯୋଗଦେଇଥିବା ପ୍ରଯୋଜକ ସଂଜୟ ନାୟକ, ଅରିନ୍ଦମ୍ ରୟ, କଳାକାର ସଂଘ ସମ୍ପାଦକ ଶ୍ରୀତମ ଦାସ ଓ ଅନ୍ୟ କିଛି ପ୍ରଯୋଜକ ମଧ ମନୋଜ ମିଶ୍ରଙ୍କ ଅନୁପସ୍ଥିତି, ସେମାନଙ୍କୁ ନିରାଶ କରିଥିବା କହିଛନ୍ତି। ସିନେ କଳାକାର ସଂଘ ସମ୍ପାଦକ ଶ୍ରୀତମ ଦାସ କହିଛନ୍ତି, କଳାକାର ହିସାବରେ

▶▶ପୃଷ୍ଠା ୭

## ଏଥିକ୍ସ କମିଟିରେ ହଙ୍ଗାମା: ମହୁଆଙ୍କୁ ସାଙ୍ଗରେ ଧରି ବାହାରିଗଲେ ବିରୋଧୀ ସଦସ୍ୟ

ନୂଆଦିଲ୍ଲୀ, ୨/୧୧ (ନି.ପ୍ର): ସଂସଦର ଏଥିକ୍ସ କମିଟିର ବୈଠକରେ ହଙ୍ଗାମା। ତୃଣମୂଳ କଂଗ୍ରେସ ସାଂସଦ ମହଆ ମୋଇତ୍ରାଙ୍କୁ ସାଙ୍ଗରେ ଧରି ବୈଠରୁ ବହାରି ଗଲେ ବିରୋଧୀ ସଦସ୍ୟ। ଜଣେ ମହିଳାଙ୍କୁ ବ୍ୟକ୍ତିଗତ ପ୍ରଶ୍ନ ପଚରାଯିବାରୁ ବିରୋଧୀମାନେ ଏଭଳି ୱାକ୍ ଆଉଟ୍ କରିଥିବା କହିଛନ୍ତି। ଲାଞ୍ଚ ନେଇ ପ୍ରଶ୍ନ ପଚାରିବା ଅଭିଯୋଗ ମାମଲାରେ ଆଜି ଏଥିକ୍ସ କମିଟିରେ ହାଜର ହୋଇଥିଲେ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ରା। ପ୍ରଥମେ ସେ ନିଜ ପକ୍ଷ ରଖିଥିଲେ। ଏହାପରେ କମିଟି ତାଙ୍କୁ ଜେରା କରିଥିଲା। ତେବେ ଏହି ସମୟରେ ମହୁଆ ମୋଇତ୍ରାଙ୍କୁ ବ୍ୟକ୍ତିଗତ ପ୍ରଶ୍ନ ପଚରାଯାଇଥିବା



ବିରୋଧୀ ଅଭିଯୋଗ ଆଣି ହଙ୍ଗାମା କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଆପଣଙ୍କ କେଉଁ ସମୟରେ କାହା ସହ ଦେଖାସାକ୍ଷାତ ହେଉଛନ୍ତି, କାହା ସହ କେତେବେଳେ କଥା ହେଉଛନ୍ତି, ହୋଟେଲରେ କାହା ସହ ମିଶୁଛନ୍ତି, ରାତିରେ କାହା ସହ କଥା ହେଉଛନ୍ତି ଭଳି ମହୁଆଙ୍କୁ ପ୍ରଶ୍ନ ପଚରାଯାଇଛି। ଏହି ପ୍ରଶ୍ନ ଗୁଡିକ ବେଶ୍ ବ୍ୟକ୍ତିଗତ। ଏହାକୁ ଗୋପନୀୟ ରଖାଯିବ ବୋଲି ପୂର୍ବରୁ କମିଟି କହିଥିଲା। କିନ୍ତୁ ତାହା କରାଯାଇ ନାହିଁ।

▶▶ପୃଷ୍ଠା ୭

## ଡିସିପିଙ୍କ ଖୁଲାସା: ଶୁଭମ ହତ୍ୟାକାଣ୍ଡ ପଛରେ ବକେୟା ଟ୍ୟୁସନ ଫି

ଖୋର୍ଦ୍ଧା, ୨/୧୧ (ନି.ପ୍ର): 'ପ୍ରାୟ ୩ରୁ ୫ ହଜାର ଟଙ୍କା ଟିଉସନ୍ ଫି' ବାକି ରହିଥିଲା। ବାକି ଟଙ୍କା ଦେବାକୁ ବାରମ୍ବାର ତାଗିଦ କରୁଥିଲେ ଟିଉସନ୍ ସାର୍। ଏହାକୁ ନେଇ ଲଜ୍ଜିତ ହେବା ସହ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲା ଅଭିଯୁକ୍ତ ଜଣକ। ଏହାପରେ ସେ ସୁଯୋଗ ଖୋଜି ଟ୍ୟୁସନ୍ ସାରଙ୍କ ପୁଅକୁ ଛୁରି ଭୁଷି ହତ୍ୟା କରିଛି। ତେଣୁ ବକେୟା ଟ୍ୟୁସନ୍ ଫି' ପାଇଁ ନାବାଳକକୁ ହତ୍ୟା କରାଯାଇଛି।' ଗତକାଲି ସନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ବେଣାପଞ୍ଜରୀ ଗାଁରେ ନବମ ଶ୍ରେଣୀ ଛାତ୍ର ଶୁଭମ୍ ସ୍ୱରୂପ ପାଲଟାସିଂଙ୍କୁ ଛୁରି ଭୁଷି ହତ୍ୟା କରାଯାଇଥିଲା। ପୁଲିସ୍ ଏଥିରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଯୁକ୍ତ ୨ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରିଛି। ପଚରାଉଚରା ବେଳେ ସେ ହିଁ ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର

▶▶ପୃଷ୍ଠା ୭

# ନଭେମ୍ବର ୯ରୁ ଜନତା ମଇଦାନରେ ଦୁଇଦିନିଆ ମିଲେଟ୍ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୨/୧୧ (ନି.ପ୍ର): ନଭେମ୍ବର ୯ ଓ ୧୦ ତାରିଖରେ ଭୁବନେଶ୍ୱରର ଜନତା ମଇଦାନଠାରେ ଦୁଇଦିନିଆ ମିଲେଟ୍ ସମ୍ବନ୍ଧୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଦୁଇଦିନିଆ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଆଧୁନିକ ଯୁଗର ଆହ୍ୱାନ ନିମନ୍ତେ ପ୍ରାଚୀନ ଶସ୍ୟ-ମିଲେଟସ୍' । ସମ୍ମିଳନୀରେ ମିଲେଟ୍ ଚାଷ, ପ୍ରକ୍ରିୟାକରଣରେ କୃଷକମାନଙ୍କ ସଂପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ସମେତ ବୈଷିୟକ ଅଧିବେଶନ, ନୀତି ନିର୍ଦ୍ଧାରଣ ନିମନ୍ତେ ରାଉଣ୍ଡଟେବୁଲ୍ ବୈଠକ, ବି-ଟୁ-ବି ବୈଠକ, ଅନ୍ତର୍ଜାତୀୟ ଖାଦ୍ୟ ମେଳା, କୁଇଜ୍ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି ନାନାବିଧ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କୃଷି ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ମିଲେଟସ୍ ଆଧାରିତ ଜନଜାତିର ଐତିହ୍ୟ ଉପରେ ପ୍ରମୁଖତା ପ୍ରଦାନ କରିବ ଏବଂ ମିଶନ ଶକ୍ତି ଅଧିନସ୍ଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଲେଟ୍ ଉଦ୍ୟୋଗୀମାନଙ୍କର ସଫଳତାର କାହାଣୀ ପ୍ରଦର୍ଶନ କରିବ । ମିଳିତ ଜାତିସଂଘର ବିଭିନ୍ନ ସଂସ୍ଥା ଯଥା-ଖାଦ୍ୟ ଏବଂ କୃଷି ସଂଗଠନ,ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଂଟରନ୍ୟାସ୍‌ନାଲ ଫଣ୍ଡ ଫର ଏଗ୍ରିକଲଚରାଲ୍ ଡେଭଲପମେଂଟ, ଦକ୍ଷିଣ-ପୂର୍ବ ଏସିଆ ଏବଂ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ଓ ୟୁରୋପୀୟ ଦେଶର କୃଷି ପରାମର୍ଶଦାତା, ଭାରତରେ ଅବସ୍ଥାପିତ ବିଭିନ୍ନ ଦେଶର ଦୂତାବାସର କର୍ମକର୍ତ୍ତା, ବିଭିନ୍ନ ରାଜ୍ୟର କୃଷି ସଚିବଙ୍କ ସମେତ ଅନେକ ଗଣମାନ୍ୟ ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେବେ। ଏହି ଅବସରରେ ୩୧ଟି ବୈଷୟିକ ଓ ଅଣବୈଷୟିକ ଅଧିବେଶନର ଆୟୋଜନ କରାଯିବ । ଏଥି ସହିତ ସମ୍ମିଳନୀରେ ନୀତି ରାଉଣ୍ଡଟେବୁଲ୍, ବିଭିନ୍ନ ଦେଶ ପକ୍ଷରୁ ଅଭିଜ୍ଞତାର ଆଦାନପ୍ରଦାନ, କୃଷି-ଜୈବବିବିଧତା, ମିଲେଟସ୍ ଏବଂ ଜନଜାତି, ହୋଟେଲଗୁଡ଼ିକ ମାଧ୍ୟମରେ ମିଲେଟସ୍ ର ପ୍ରଚାର ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନର ଆୟୋଜନ କରାଯାଉଛି। ନଭେମ୍ବର ୯ ତାରିଖ ସନ୍ଧ୍ୟାରେ ତିନିଥର ଗ୍ରାମ ପୁରସ୍କାର ବିଜେତା ରିକି କେଜ୍ ଙ୍କ ଦ୍ୱାରା ଜଳବାୟୁ ପରିବର୍ତ୍ତନ ଏବଂ ମିଲେଟସ୍ ଉପରେ ଆଧାରିତ ସଂଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଖ୍ୟାତନାମା ସେଫ୍ ବିକାଶ ଖାନ୍ନା ସମ୍ମିଳନୀରେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିବା ସହିତ ହୋଟେଲ୍, ରେଷ୍ଟୁରାଂଟ, ଖାଦ୍ୟ ବ୍ଲଗରସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ମିଲେଟସ୍ ମା'ମାନଙ୍କ ସହିତ ମିଲେଟ୍ ରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀର ସମସ୍ତ ଅଧିବେଶନରେ ଏକ କିମ୍ବା ଏକାଧିକ ମହିଳା ବକ୍ତାଙ୍କୁ ସାମିଲ କରାଯିବାକୁ ସୁନିଶ୍ଚିତ କରିବା ନିମନ୍ତେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଅନ୍ତର୍ଜାତୀୟ ସମ୍ମିଳନୀକୁ ଭିନ୍ନକ୍ଷମମାନଙ୍କ ନିମନ୍ତେ ଅନୁକୂଳ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ସଦସ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ପ୍ରତ୍ୟେକ ସେମିନାର ହଲ୍ ରେ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆ ଅନୁବାଦ ନିମନ୍ତେ ଟ୍ରାନ୍ସଲିଟେରେସନ୍ ସୁବିଧା ଉପଲବ୍ଧ କରାଯାଇଛି। ଅନୁବାଦ ସେବା ସମେତ କୃଷକମାନଙ୍କ ଅଧିବେଶନଗୁଡ଼ିକରେ ସ୍ୱତନ୍ତ୍ର ଅନୁବାଦକାରୀମାନେ ବିଭିନ୍ନ ଅଧିବେଶନର ସାରାଂଶଗୁଡ଼ିକ ସ୍ଥାନୀୟ ଭାଷାର ଉପଲବ୍ଧ କରିବେ। ଏଥି ସହିତ କୃଷକମାନଙ୍କର ଭାବବିନିମୟ, ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ଷ୍ଟାର୍ଟଅପସ୍ ମାନଙ୍କ ସୁବିଧା ନିମନ୍ତେ ଅନୁବାଦ ସୁବିଧା ମଧ୍ୟ ଉପଲବ୍ଧ କରାଯିବ । ଛାତ୍ରଛାତ୍ରୀମାନଙ୍କୁ ସମ୍ମିଳନୀରେ ସମ୍ମିଳିତ କରିବା ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ବଦଳ, ମୁରାଲ୍-ପେଂଟିଂ ଇତ୍ୟାଦି ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଏଥିରେ ସକ୍ରିୟ ଭାବେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଖାଦ୍ୟ ବ୍ଲଗରସ୍ ମାନଙ୍କ ସକ୍ରିୟ ସହାୟତାରେ ମିଲେଟସ୍ ରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଏବଂ ଜନଜାତିଙ୍କ ଖାଦ୍ୟକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ଖାଦ୍ୟ ମେଳାର ଆୟୋଜନ କରାଯାଇଛି । ବିଭିନ୍ନ ଜିଲ୍ଲାର କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ଆରାମଦାୟକ ଯାତ୍ରା ଏବଂ ରହିବାର ସୁବନ୍ଦୋବସ୍ତ ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଛି । ସାରା ରାଜ୍ୟର ଅନେକ କୃଷକ ଏହି ସମ୍ମିଳନୀରେ ଭାଗ ନେଇ କୃଷି କ୍ଷେତ୍ରରେ ହୋଇଥିବା ସର୍ବଶେଷ ପ୍ରଯୁକ୍ତିବିଦ୍ୟା ଓ ବିଜ୍ଞାନର ଅଗ୍ରଗତି ସଂପର୍କରେ ଜାଣିବାର ସୁଯୋଗ ପାଇବେ। ଆନ୍ତର୍ଜାତିକ ପୁଷ୍ଟିଶସ୍ୟ ସମ୍ମିଳନୀ ୨୦୨୩କୁ ସବୁଠାରୁ ଅଧିକ କୃଷକ ଉପଯୋଗୀ ଅନ୍ତର୍ଜାତୀୟ ସମ୍ମିଳନୀରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଶା ମିଲେଟସ୍ ମିଶନ ଦ୍ୱାରା ପ୍ରସ୍ତୁତ ଆମ ମିଲେଟସ୍ ମିଶନ ଗୀତର ଶୁଭ ଉଦ୍‌ଘାଟନ କରିଥିଲେ ।

## ନଭେମ୍ବର ମାସ ପାଇଁ କେନ୍ଦୁଝର ଜିଲ୍ଲାପାଳ ଓ ଏସପି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର, ୨/୧୧ (ନି.ପ୍ର): ଚଳିତ ନଭେମ୍ବର ମାସ ପାଇଁ କେନ୍ଦୁଝର ଜିଲ୍ଲାପାଳ ଓ ଏସ.ପି ଙ୍କ ମିଳିତ ଅଭିଯୋଗ ଶୁଣାଣୀର କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ପ୍ରକାଶ ପାଇଥିବା କାର୍ଯ୍ୟକ୍ରମନୁସାରେ ଚଳିତ ନଭେମ୍ବର ମାସ ୬ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ପ୍ରଥମ ଜନଶୁଣାଣୀ ହେବା ସହ ପରବର୍ତ୍ତୀ ସୋମବାର ୧୩ ତାରିଖ ଦିନ ଘଟଗାଁ ବ୍ଲକ କାର୍ଯ୍ୟାଳୟ ଠାରେ , ୨୦ ତାରିଖ ସୋମବାର ଦିନ ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ଠାରେ ଏ ବଂ ୨୮ ତାରିଖ ମଙ୍ଗଳବାର ଦିନ ତେଲକୋଇ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଏସ.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସଂପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ଆଶିଷ ଠାକରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ଚ ଦ ବ ୟ ତ ତ କାର୍ଯ୍ୟସୂଚୀନୁଯାୟୀ ଅଭିଯୋଗ ଶୁଣାଣୀ ସ୍ଥାନ ମାନଙ୍କରେ ଚିକିତ୍ସା , ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ , ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ଯୋଗାଣ ବିଭାଗ , ସାମାଜିକ ସୁରକ୍ଷା, ସମାଜ କଲ୍ୟାଣ , ଜଳଛାୟା ବିଭାଗ ତରଫରୁ ( ନିର୍ଦ୍ଧାରିତ ସ୍ଥାନମାନଙ୍କରେ ) ସଚେତନତା କାର୍ଯ୍ୟକ୍ରମ ଆ ୟୋଜନ କରିବା ଲାଗି ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଠାକରେ ନିର୍ଦ୍ଦେଶ ଦେଇଛନ୍ତି ।

## ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୨/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଜୟପୁର ବ୍ଲକ ଅନ୍ତର୍ଗତ କାମୁଣ୍ଡାରେ ଗ୍ରାମ ସଭା ଅନୁଷ୍ଠିତ ହୋଇଛି। ଏହାପରେ ଶୋଭାଯାତ୍ରା ବାହାର କରାଯାଇ ଗ୍ରାମବାସୀ ଙ୍କୁ ସଚେତନ କରାଯାଇଥିଲା। ବୈଠକରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଜିପିଓ ପ୍ରଶାନ୍ତ କୁମାର ମିଶ୍ର, ଭିଜିଲାନ୍ସ ନିରିକ୍ଷକ ସାବିତ୍ରୀ ପ୍ରଧାନ, ସରପଞ୍ଚ ମନ ଧର ଗାଦବା , ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନଙ୍କୁ କୌଣସି କାର୍ଯ୍ୟରେ ଲାଞ୍ଚ ନଦେବାକୁ ସଚେତନ କରାଯାଇଥିଲା । ଲାଞ୍ଚ ନେବା ଓ ଦେବା ଅପରାଧ ବୋଲି ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସଏସଜି ଗ୍ରୁପ, ମିଶନ ଶକ୍ତି ସଦସ୍ୟ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ଭିକାରୀପଡ଼ା ଗ୍ରାମରେ ବେଦାନ୍ତ ବିରୋଧୀ ବୈଠକ

ପୁରୀ, ୨/୧୧ (ନି.ପ୍ର): ପୁରୀ ସଦରବ୍ଲକ ଚାଳିଶି ବାଟିଆ ପଞ୍ଚାୟତ ଅଧୀନ ଭିକାରୀପଡ଼ା ଗ୍ରାମରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତିର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟକ ତଥା ସଂଘର୍ଷ ସମିତିର ଆବାହକ ଉମାବଲ୍ଲଭ ରଥ ଏଥିରେ ଯୋଗ ଦେଇ କହିଲେ ବିଶ୍ୱ ବିଦ୍ୟାଳୟ ଗ୍ରାମରେ କମ୍ପାନୀ ଜଗନ୍ନାଥଙ୍କ ଜମି ହଡ଼ପ କରିବାକୁ ଉଦ୍ୟମ କରିଥିଲା । ସୁପ୍ରିମକୋର୍ଟଙ୍କ ରାୟ ପରେ ସବୁ ଗୁମର ଫିଟି ଯାଇଛି । ୧୭ ବର୍ଷର ଲଢେଇ ପରେ ଶହ ଶହ ଚାଷୀ ନ୍ୟାୟ ପାଇଛନ୍ତି । ଚାଷୀଙ୍କ ନାମରେ ଜମି ରେକର୍ଡ଼ କରିବା ପାଇଁ ଶ୍ରୀ ରଥ ଦାବି କରିଥିଲେ । ସମିତିର ସଂଯୋଜକ ବିଷ୍ଣୁପ୍ରସାଦ ମିଶ୍ର, ବରିଷ୍ଠ ସେବାୟତ ଗୋପାଳ ଖୁଂଟିଆ, ସମିତିର ସଭାପତି ଦାମୋଦର ପ୍ରଧାନ, ହରପ୍ରସାଦ ଜେନା, ଅବିନାଶ ମିଶ୍ର, ପର୍ଶୁରାମ ପ୍ରଧାନ, ରାମ ପ୍ରଧାନ, ବୈରାଗୀ ପ୍ରଧାନ, ସଦାଶିବ ପ୍ରଧାନ, ସୁଦାମ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନଙ୍କ ସହ ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ସଚେତନତା ପଦଯାତ୍ରା

ଭୁବନେଶ୍ୱର, ୨/୧୧ (ନି.ପ୍ର): ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ପାଳନ ଅବସରରେ ବୁଧବାର ସକାଳେ ଭିଜିଲାନ୍ସ ଡିଭିଜନ୍, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ପଦଯାତ୍ରା ରାଜଭବନ ଛକଠାରୁ ବାହାରି କଳିଙ୍ଗ ଷ୍ଟାଡିୟମ୍ ଠାରେ ପହଂଚିଥିଲା। ଏହି ପଦଯାତ୍ରାକୁ ଭିଜିଲାନ୍ସ ବିଭାଗର ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠ୍‌ୱା, ଆଇଜି ସଂଜୟ କୁମାର କୌଶଳ, ଡିଆଇଜି ଆର ପ୍ରକାଶ, ଏସ୍‌ପି ଶ୍ରୀମତୀ ଅନୁପମା ଜେମ୍‌ସ, ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସମାଜରୁ ଦୁର୍ନୀତି ନିବାରଣ ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେଏହି ପଦଯାତ୍ରା ବାହାରିଥିଲା। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ରମାଦେବୀ ମହିଳା ମହାବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ, ଦେବରାୟ ମହାବିଦ୍ୟାଳୟ, ସିଟି ମହିଳା ମହାବିଦ୍ୟାଳୟ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ନିଶ୍ୱାସ, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮, ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର, କିସ୍ ଇଂଟରନେସନାଲ୍ ସ୍କୁଲ, ରାଜଭବନ ନିକଟସ୍ଥ ସରକାରୀ ଆଇଟିଆଇ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିଆ ଷ୍ଟଡିଜ୍, ପିଇସିୟୁସି, ପୋଖରୀପୁଟ, ଓଡ଼ିଶା ସ୍କେଟିଂ ଏକାଡେମୀ ପ୍ରଭୃତି ଶିକ୍ଷାନୁଷ୍ଠାନର ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସଚେତନ ନାଗରିକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

# ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତାରେ ପି. ପି ଏକାଡେମୀ ଛାତ୍ରମାନଙ୍କ କୃତିତ୍ୱ

ବଲାଙ୍ଗୀର , ୨/୧୧ (ନି.ପ୍ର): ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତଯୋଗିତା ମଙ୍ଗଳବାର ଦିନ ସମ୍ବଲପୁର ସ୍ଥିତ ଡାକ୍ତର ଝାସକେତନ ସାହୁ ସନ୍ତରଣଗାର ଠାରେ ଉଦଯାପିତ ହୋଇଯାଇଛି । ଆୟୋଜିତ ପ୍ରତିଯୋଗିତା ରେ ଚାରୋଟି ବର୍ଗ ରେ ଇଭେଣ୍ଟ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାର ଦଶ (୧୦) ଟି ଜିଲ୍ଲା ର ସତାନବେ (୯୭) ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପତିତପାବନ ଏକାଡେମୀ ରୁ ସସ୍ମିତା ରାଣୀ ମିଶ୍ର ଏବଂ ଡି ଆଚ ଏସ ବାହାଲ ପଦର ରୁ ପ୍ରଶାନ୍ତ ମିଶ୍ର ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭ ଜଣ ପ୍ରତିଯୋଗୀଙ୍କୁ ନେଇ ସମ୍ବଲପୁର ଯାଇଥିଲେ । ବଲାଙ୍ଗୀର ଜିଲ୍ଲା ର କୃତି ପ୍ରତିଯୋଗୀ ମାନେ ୨୦ ଟି ପୁରସ୍କାର ଲାଭ କରିଥିଲେ। ଏଥି ମଧ୍ୟରୁ ପତିତପାବନ ଏକାଡେମୀ ର ଦୟାସାଗର କଠାର ଅଣ୍ଡର - ୧୭ ବାଳକ ବର୍ଗ ରେ ୧୦୦ମି. ବାକ ଷ୍ଟ୍ରୋକ ରେ ପ୍ରଥମ ସ୍ଥାନ ଅଧିକର ଓ ୫୦ମି. ବାକ ଷ୍ଟ୍ରୋକ ରେ ଦ୍ୱିତୀୟ ସ୍ଥାନ ଏବଂ ୫୦ମି. ଫ୍ରି ଷ୍ଟାଇଲ ରେ ମଧ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୪ ବର୍ଷ କମ ବାଳକ ବିଭାଗ ରେ ସମ୍ରାଟ ଗଡତିଆ ୧୦୦ମି. ଫ୍ରୀ ଷ୍ଟାଇଲ ରେ ତୃତୀୟ ସ୍ଥାନ ଓ ୨୦୦ମି. ବରିଷ୍ଟ ଷ୍ଟ୍ରୋକ ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍ୱାଗତ ସେଠ୍ ୨୦୦ମି. ବ୍ରେଷ୍ଟ ଷ୍ଟ୍ରୋକ ରେ ଦ୍ୱିତୀୟ ସ୍ଥାନ ଓ ୫୦ମି. ବଟର ଫ୍ଲାୟ ରେ ଏବଂ ୧୦୦ମି. ବାକ ଷ୍ଟ୍ରୋକ ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସୋମନାଥ ପଟେଲ ୨୦୦ମି. ବାକ ଷ୍ଟ୍ରୋକ ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପରି ଭାବ ରେ ମୋଟ୍ ୯ଟି ପୁରସ୍କାର ଲାଭ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢ଼ୀ,ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ଉପସ୍ଥିତି ରେ କୃତୀ ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଶେଷ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ନାବ ଫାଉଣ୍ଡେସନ ଦ୍ୱାରା ପରିଚାଳିତ 'ମୋ ପେଡ ମୋ ଅଧିକାର' ସଚେତନତା

ବଲାଙ୍ଗିର , ୨/୧୧ (ନି.ପ୍ର): ନାବାର୍ଡ, ମୁମ୍ବାଇ ସହାୟତାରେ ନାବ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ''ମୋ ପେଡ ମୋ ଅଧିକାର'' ତାଲିମ, ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାମାଙ୍କ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କୁ ପେଡ ତିଆରି କାର୍ଯ୍ୟକ୍ରମରେ ସାମିଲ୍ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା । ଉକ୍ତ ପ୍ରକଳ୍ପର ପ୍ରଦର୍ଶନ ଓ ସଚେତନ ସଭା ବଲାଙ୍ଗୀର ସ୍ଥିତ ସାମ୍ବାଦିକ ଭବନ ଠାରେ ଗତକାଲି ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଦର୍ଶନ ଶାସ୍ତ୍ରର ପ୍ରଫେସର ଡା: ପଙ୍କୋଜିନି ମୂଳିଆ, ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିବା ବେଳେ, ଭୀମଭୋଇ ମେଡିକାଲ କଲେଜର ଡାକ୍ତର ତୁଷାର ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ହିତାଧିକାରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାବାର୍ଡ ବଲାଙ୍ଗୀର ର ଜିଲ୍ଲା ବିକାଶ ପ୍ରବନ୍ଧକ ଡା: ବିବେକ କୁମାର ନାୟକ ଓ ମିଶନ ଶକ୍ତିର ଜିଲ୍ଲା ସଂଯୋଜିକା ସୁମନ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ନିଜ ନିଜର ମତ ପୋଷଣ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ବିଶ୍ୱ ମା ବୀଣାପାଣିର ସଦସ୍ୟ ମାନେ ଉତ୍ପାଦିତ ପଏଡର ଗୁଣବତ୍ତା ସମ୍ବନ୍ଧୀୟ ପ୍ରଦର୍ଶନ କରିଥିଲେ । ଉକ୍ତ ସଭାରେ ରିହାଇ, ନିର୍ଦ୍ଦେଶକ ରୁନୁ ଗୋପାଳ ସାହୁ ଅଧକ୍ଷତା କରିଥିବା ବେଳେ । ସଂଗଠନର ସଦସ୍ୟ ଜିବର୍ଦ୍ଧନ କ୍ଷେତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୀବନର ରାହା ଦେଖାଇଛି ବିଜୁ ଦକ୍ଷତା ବିକାଶ କେନ୍ଦ୍ର

କେନ୍ଦ୍ରାପଡ଼ା, ୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ବିଜୁ ଦକ୍ଷତା ବିକାଶ କେନ୍ଦ୍ରକୁ ମିଳିଛି ପୁଣି ଏକ ସଫଳତା। ଉପଯୁକ୍ତ ତାଲିମ୍ ପ୍ରାପ୍ତ ପରେ ୧୩ ନମ୍ବର ବ୍ୟାଚ୍‌ରେ ୨୦ ଜଣ ଯୁବକ ହାଇଦ୍ରାବାଦର ସ୍ନେଇଡର୍ ଇଲେକ୍ଟ୍ରିକ୍ ସଂସ୍ଥାରେ ଚାକିରୀ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏମାନେ କେନ୍ଦ୍ରାପଡ଼ା ବିଜୁ ଦକ୍ଷତା ବିକାଶ କେନ୍ଦ୍ରରୁ ଆସିଷ୍ଟାଂଟ୍ ଇଲେକ୍ଟ୍ରିସିଆନ୍ ଟ୍ରେଡ୍‌ରେ ତାଲିମ ପାଇଥିଲେ। ଆଜି ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ସହ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି। ପ୍ରତିକ୍ରିୟାରେ ପିଲାମାନେ କହିଛନ୍ତି ବିଜୁ ଦକ୍ଷତା ବିକାଶ କେନ୍ଦ୍ର ପାଇଁ ସେମାନେ କେବଳ ଜୀବିକା ପାଇନାହାନ୍ତି ବରଂ ଜୀବନରେ ଉତ୍କର୍ଷ ହାସଲ କରିବାର ପ୍ରେରଣା ପାଇଛନ୍ତି। ଆଗ୍ରହୀ ଯୁବକ ଯୁବତୀମାନଙ୍କ ଦକ୍ଷତାବୃଦ୍ଧିରେ କେନ୍ଦ୍ରାପଡ଼ା ବିଜୁ ଦକ୍ଷତା ବିକାଶ କେନ୍ଦ୍ର ସଦା ତତ୍ପର ବୋଲି ଏହି ଅବସରରେ କହିଛନ୍ତି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ଘନଶ୍ୟାମ ସା।

## ହାନାଗୁଡାରେ ସରକାରୀ ଜାଗା ଜବରଦଖଲ କାରୀଙ୍କୁ ନୋଟିସ

ଜୟପୁର, ୨/୧୧ (ନି.ପ୍ର): ଜୟପୁର ପୌରାଂଚଳର ହାନାଗୁଡାରେ ସରକାରୀ ଜାଗା ଜବର ଦଖଲ ହୋଇଛି । ଏନେଇ ଆଜି ଜୟପୁର ପୌର ପାଳିକା ତରଫରୁ ନୋଟିସ ଜାରି କରାଯାଇଛି, ଯେଉଁ ମାନେ ଘରେ ନଥିଲେ ସମାନଙ୍କ ଘର ସମ୍ମୁଖରେ ଟଙ୍ଗା ଯାଇଛି, ସାତ ଦିନ ଭିତରେ ଜବର ଦଖଲ ସ୍ଥାନ ଖାଲି ନକଲେ ପୌର ଆଇନ ଅନୁଯାଇ ଉଚ୍ଛେଦ କରାଯିବ ଓ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡାକ ବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯାଇଛି ପୌରପାଳିକା ତରଫର ୬ ଏକର ଜାଗାରେ କଲ୍ୟାଣ ମଣ୍ଡପ ଓ ଗୃହ ରକ୍ଷିତ ପଶୁ ବନ୍ଧ୍ୟା କରଣ କେନ୍ଦ୍ର ପାଇ ଚିହ୍ନଟ କରାଯାଇଛି । ଏହି କେନ୍ଦ୍ର ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କାର ଡିପିଆର ମଧ ପ୍ରସ୍ତୁତ ହୋଇଛି । ୩୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଖୁବ ଶିଘ୍ର ଟେଣ୍ଡର ମଧ ବାହାରିବ । ସେହି ଜାଗାରେ ଅଂଚଳରବାସି ମାନେ ଜବର ଦଖଲ କରି ଘର ନିର୍ମାଣ କରୁଥିବା ଜୟପୁର ପୌର ପାଳିକା ସୂଚନା ପାଇଥିଲା । ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଆରଆଇ ଯାଇ ହାନାଗୁଡା ଯାଇ ସମିକ୍ଷା କରିଥିଲେ । ଜବର ଦଖଲ ଉଚ୍ଛେଦ କରାଯାଇ କଲ୍ୟାଣ ମଣ୍ଡପ ଓ ପଶୁ ବନ୍ଧ୍ୟା କରଣ କେନ୍ଦ୍ର ନିର୍ମାଣ ହେବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

## କୃଷି ବିଭାଗ କନେକ୍ଟ ଟିମ୍‌ର କେନ୍ଦ୍ରାପଡ଼ା ପରିଦର୍ଶନ

କେନ୍ଦ୍ରାପଡ଼ା, ୨/୧୧ (ନି.ପ୍ର): ରାଜ୍ୟ କୃଷି ବିଭାଗ କନେକ୍ଟ ଟିମ୍ ଭୁବନେଶ୍ୱରଙ୍କର କେନ୍ଦ୍ରାପଡ଼ା ପରିଦର୍ଶନ କରିଛନ୍ତି । ଏଥିସହିତ ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ରାଉଳଙ୍କ ଅଧକ୍ଷତାରେ ଏକ ବୈଠକରେ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଛି । କନେକ୍ଟ ଟିମ୍‌ର ଅଭିନବ ବାଙ୍କା, ଅଭିନବ ଜେନ, ଜିଲ୍ଲା ଆସିଷ୍ଟାଣ୍ଡ କୃଷି ଅଧିକାରୀ ପ୍ରିୟମ୍ବଦା ନାୟକ, ଏଏଓ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା କୃଷକ ସାଥୀ, କୃଷକ ଓ ଡିଲାର ମାନଙ୍କ ସହିତ ଆମ କୃଷି, ଧାନ ପରବର୍ତ୍ତୀ ଫସଲ ପରିଚାଳନା, କୃଷି ସାମଗ୍ରୀ ଯୋଗାଣ, ଚାଷୀ ଋଣ, ଗୋ-ସୁଗମ ଓ ସଫଳ ପ୍ରୋଟାଲର ବ୍ୟବହାର ପ୍ରଭୃତି ବିଷୟରେ ଆଲୋଚନା କରା ଯାଇଥିଲା । ଏଥି ସହିତ ଉପସ୍ଥିତ ଥିବା ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ପ୍ରଶ୍ନ ପଚାରି ବୁଝିଥିଲେ ।

## ୧୦ରୁ ପ୍ରତି ଜିଲ୍ଲା ସ୍ତରରେ ବସିବ କିଷାନ ମହାପଂଚାୟତ : କିଷାନ କଂଗ୍ରେସ

ଭୁବନେଶ୍ୱର, ୨/୧୧ (ନି.ପ୍ର): କୃଷି ଓ କୃଷକର ନିରନ୍ତର ଉନ୍ନତି ହେଉଛି ବୋଲି କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ବାହାସ୍ଫୋଟ ମାରୁଥିଲେ ମଧ ପ୍ରକୃତରେ ଏହା ପ୍ରତାରଣାରେ ପରିଣତ ହୋଇଛି। ଉଭୟ ସରକାରଙ୍କ ଏପରି ଚାଷୀ ମାରଣ ନୀତିର ଦୃଢ଼ ପ୍ରତିବାଦ ଏବଂ ପ୍ରତି ପଂଚାୟତ ସ୍ତରରେ ଚାଷୀମାନଙ୍କ ବାସ୍ତବ ସମସ୍ୟା ଚିହ୍ନଟ କରାଯିବା ପାଇଁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ତରଫରୁ ଚଳିତମାସ ନଭେମ୍ବର ୧୦ ତାରିଖ ଠାରୁ ପର୍ଯ୍ୟାୟକ୍ରମେ ରାଜ୍ୟର ପ୍ରତି ଜିଲ୍ଲା ସ୍ତରରେ କିଷାନ ମହାପଂଚାୟତ ଅନୁଷ୍ଠିତ ହେବ। ଗତକାଲି ପ୍ରଦେଶ କଂଗ୍ରେସ ଭବନ ଠାରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। ସଂପ୍ରତି ପିଆଜ ଦର ଯେଉଁଭଳି ଭାବରେ ବୃଦ୍ଧି ପାଇଛି ଏଥିରେ ଖାଉଟି ହନ୍ତସନ୍ତ। ଜନସଂଖ୍ୟାର ଚାହିଦା ଅନୁଯାୟୀ ସରକାର ପିଆଜ ଭଳି ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ କେତେ ଆଗୁଆ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ପିଆଜ ଦର ନିୟନ୍ତ୍ରଣ କରିବା, ପିଆଜ ଉତ୍ପାଦନ ଓ ସଂରକ୍ଷଣ ପାଇଁ ସରକାର ସଂପୂର୍ଣ୍ଣ ଫେଲ ମାରିଛନ୍ତି। ପିସିସି କିଷାନ କଂଗ୍ରେସର ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଉଭୟ ବିଜେଡ଼ି ଓ ବିଜେପି ସରକାର ଚାଷୀଙ୍କ ପାଇଁ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ବାସ୍ତବରେ ଚାଷୀର ବିକାଶ ପରିବର୍ତ୍ତେ ଆଜି କେବଳ ବିନାଶ ଘଟିଛି। ଆଗାମୀ ଦିନରେ ଦଳ କ୍ଷମତାକୁ ଆସିବା ପରେ କୃଷି ଓ କୃଷକଙ୍କ ସାମଗ୍ରିକ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି କହିଥିଲେ।

# ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଜଳସେଚନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର, ୨/୧୧ (ନି.ପ୍ର): ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗ ଆଜି ଅପରାହ୍ନରେ ରାଜୀବ ଭବନ ସ୍ଥିତ ଜଳସଂପଦ ବିଭାଗ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି । ନିର୍ମାଣାଧିନ ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପ କିପରି ଶୀଘ୍ର ସଂପୂର୍ଣ୍ଣ କରାଯାଇ ଏହାଦ୍ୱାରା ଅଧିକରୁ ଅଧିକ ଚାଷୀ ଉପକୃତ ହେବେ, ସେ ସଂପର୍କରେ ଏକ ସମୀକ୍ଷା ବୈଠକ କରି ରହିଥିବା ସମସ୍ୟାର ସମାଧାନ କରିବାକୁ ରାଜ୍ୟ କୃଷି ଓ କୃଷକ ସଶକ୍ତକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଜଳସଂପଦ ବିଭାଗ ସର୍ବୋଚ୍ଚ ମନ୍ତ୍ରୀ, ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ, ଆଠଗଡ଼ ଉପଜିଲ୍ଲାପାଳ, ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସଂପୃକ୍ତ ଅନ୍ୟ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ନିର୍ମାଣାଧିନ ପ୍ରକଳ୍ପ କେତେ ଶେଷ ହୋଇଛି, ଅବଶିଷ୍ଟ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ କ'ଣ ସବୁ ସମସ୍ୟା ରହିଛି, ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ବୈଠକରୁ ଜଣାଯାଇଛି ଯେ, ଅନୁଗୋଳ ଜିଲ୍ଲାର ସମଲ ବ୍ୟାରେଜ୍ରୁ ବାହାରିଥିବା ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲରୁ ଗୋନ୍ଦିଆ, ଦର୍ପଣ, ନରସିଂହପୁର ଓ ଆଠଗଡ଼ ଶାଖା କେନାଲ୍ ସୃଷ୍ଟି ହୋଇଛି । ଏହାଦ୍ୱାରା ଅନୁଗୋଳ, ଢ଼େଙ୍କାନାଳ, କଟକ, ଯାଜପୁର ଆଦି ୪ଟି ଜିଲ୍ଲାର ୧୪ ବ୍ଲକରେ ମୋଟ ୮୪,୪୦୬ ହେକ୍ଟର ଚାଷ ଉପଯୋଗୀ ସେଚାଂଚଳକୁ କେନାଲ ଯୋଗେ ଜଳ ପ୍ରବାହ ଲକ୍ଷ୍ୟ ରହିଥିବା ବେଳେ ଏହି ସବୁ ଅଂଚଳରେ ୧୯,୬୮୬ ହେକ୍ଟରକୁ ଉଠାଜଳସେଚନ ମାଧ୍ୟମରେ ଜଳସେଚନ ଲକ୍ଷ୍ୟ ରହିଛି। ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପ ମୁଖ୍ୟ କେନାଲର ଦୈର୍ଘ୍ୟ ୯୫.୦୪ କି.ମି. ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ସରିଛି । ଏହାର ଶାଖା କେନାଲଗୁଡିକର ମୋଟ ଦୈର୍ଘ୍ୟ ୧୯୬.୬୬ କି.ମି ହୋଇଥିବା ବେଳେ ସେଥିରୁ ୧୩୬.୮୮ କି.ମିର ଖନନ କାର୍ଯ୍ୟ ସରିଛି। ଅବଶିଷ୍ଟ କେନାଲ ଖନନ ପାଇଁ ତ୍ୱରିତ ପଦକ୍ଷେପ ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଜଳସେଚନ ଉପଯୋଗୀ ସେଚାଞ୍ଚଳ ମଧ୍ୟରୁ ପୂର୍ବରୁ କେନାଲ ଯୋଗେ ୧୭,୬୦୬ ହେକ୍ଟର ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇଥିବା ବେଳେ ଆଗାମୀ ଡିସେମ୍ବର ସୁଦ୍ଧା ଆଉ ୧୦,୦୦୦ ହେକ୍ଟର ଓ ମାର୍ଚ୍ଚ ମାସ ସୁଦ୍ଧା ଆଉ ୧୬,୩୩୪ ଏହିପରି ଏହି ମୋଟ ୪୩,୯୪୦ ହେକ୍ଟର ସେଚାଂଚଳକୁ ସେଚ ସାମର୍ଥ ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟ ରହିଛି । ନିର୍ମାଣାଧିନ ଅବଶିଷ୍ଟ ଅଂଶରୁ କେତେକ କ୍ଷେତ୍ରରେ ଜମି ଅଧଗ୍ରହଣରେ ବିଳମ୍ବ ଘଟିଥିବା ଓ ପରିବେଶ ମଞ୍ଜୁରୀ ଜନିତ ସମସ୍ୟା ରହିଛି । ସେ ସବୁ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇ ନିର୍ମାଣାଧିନ କେନାଲ କାର୍ଯ୍ୟକୁ ସଂପୂର୍ଣ୍ଣ କରାଯିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପରିସଂଖ୍ୟାନ ଅନୁଯାୟୀ ମୋଟ କେନାଲ ଦୈର୍ଘ୍ୟର ୮୦.୩୭% ଜମି ଅଧିଗ୍ରହଣ ପୂର୍ବକ ଖନନ କାର୍ଯ୍ୟ କରାଯାଇଥିବା ବେଳେ ବେଳେ ସ୍ଥାନୀୟ ସମସ୍ୟା ରହିଥିବା ୮.୪୬ ପ୍ରତିଶତ କାର୍ଯ୍ୟ ସମାଧାନ କରାଯାଇ କରାଯିବ । ସେହିପରି ୧୧.୧୭% ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ମଂଜୁର ଅର୍ନ୍ତଭୁକ୍ତ ରହିଥିବେ ବେଳେ ସେଥିରୁ ୮୭୪.୫୯୫୭ ହେକ୍ଟର ଷ୍ଟେଜ୍-୨ ଜଙ୍ଗଲ ଜମି ମଂଜୁରୀ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ତରଫରୁ ମିଳିସାରିଛି । ଅବଶିଷ୍ଟ ୨୫୧.୧୭ ହେକ୍ଟର ଜଙ୍ଗଲ ଜମି ପରିବେଶ ଅନୁମୋଦନ ପାଇଁ ପକ୍ରିୟା ଜାରି ରହିଛି । କ୍ଷତିପୂରଣ ବନୀକରଣ (କମ୍ପେନେସେଟୋରୀ ଆଫରେଷ୍ଟେସନ) ଜରିଆରେ ଏହି ସମସ୍ୟାର ସମାଧାନ କରାଯାଇ ପରିବେଶ ମଂଜୁରୀ ନିମନ୍ତେ ପଦକ୍ଷେପ ନିଆଯାଇଛି । କଟକ ଜିଲ୍ଲାରେ ଜମି ଅଧିଗ୍ରହଣ ସମସ୍ୟା ରହିଥିବା ପ୍ରସଙ୍ଗରେ କଟକ ଜିଲ୍ଲାପାଳଙ୍କୁ ସମସ୍ୟାର ଅନୁଧାନ କରି ଉଚିତ ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଅନୁଗୋଳ ଜିଲ୍ଲାର ଶତ ପ୍ରତିଶତ, ଢେଙ୍କାନାଳ ଜିଲ୍ଲାର ୫୮%, କଟକ ଜିଲ୍ଲାର ୧୭% ସେଚାଂଚଳରେ ସେଚ ସାମର୍ଥ ସୃଷ୍ଟି କରାଯାଇଥିବା ବେଳେ କେତେକ ଅଂଚଳକୁ ପରୀକ୍ଷାମୂଳକ ଭାବେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ କରି ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ ଜଳସେଚନ କେନାଲ ଯୋଗେ ସେଚ ସୁବିଧା ଯୋଗାଇବା ସଂପର୍କରେ ଆଲୋଚନା ପୂର୍ବକ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

# ଅସରପା ହେଉଥିଲେ....

**ରୋଷେଇ ଘରେ ଖାଦ୍ୟ ପଦାର୍ଥ ଠାରୁ ଆରମ୍ଭ କରି ବାସନ ଆଦି ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ରହୁଥିବାରୁ କେବେ କେବେ ପିମ୍ପୁଡ଼ି, ଜନ୍ଦା ଏବଂ ଅସରପା ଆଦି ହୋଇଥାନ୍ତି । ହେଲେ ଏସବୁ ମଧ୍ୟରୁ ଅସରପା ଅଧିକ ମାରାତ୍ମକ । କାରଣ ଏହା କିଚେନ୍‌ର କୋଣ ଗୁଡ଼ିକ ଏବଂ ପ୍ରତି ଛୋଟ ବଡ଼ ସ୍ଥାନକୁ ସହଜରେ ଯାଇ ଜୀବାଣୁ ଛାଡ଼ିଥାନ୍ତି । ଯାହାକି ଆମ ଶରୀରକୁ ଆସି ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ । ତେଣୁ କିଚେନ୍‌କୁ କିପରି ସଫା ରଖିବେ ଜାଣି ରଖନ୍ତୁ... ।**

◆ ୩/୪ଟି ତେଜ ପତ୍ରକୁ ଖରାରେ ଭଲ ଭାବେ ଶୁଖାଇ ଗୁଣ୍ଡ କରିଦିଅନ୍ତୁ । କିଚେନ୍‌ରେ ଅସରପା ହେଉଥିବା ସ୍ଥାନଗୁଡ଼ିକରେ ଏହି ଗୁଣ୍ଡ ଛିଞ୍ଚିଦିଅନ୍ତୁ ଦେଖିବେ ଅସରପା ଚାଲିଯିବେ ।

◆ ରାତିରେ ବୋରାକ୍ସ ଏବଂ ଚିନିକୁ ଏକାଠି ଗୋଳାଇ କିଚେନ୍‌ରେ ଥିବା ଡ୍ର,ଆଲମିରା, ଡଷ୍ଟବିନ୍, ସିଙ୍କ୍ ଆଦି ଅସରପା ହେଉଥିବା ସ୍ଥାନରେ ରଖିଦିଅନ୍ତୁ ସକାଳୁ ଉଠି ଦେଖିବେ ଉକ୍ତ ସ୍ଥାନରେ ଅସରପା ମରି ପଡ଼ିଥିବେ । ତେବେ ମନେରଖନ୍ତୁ ଏପରି କରିବା ସମୟରେ ଖାଦ୍ୟ ପଦାର୍ଥ ଖୋଲାରେ ଆଦୌ ରଖନ୍ତୁ ନାହିଁ । ଘରେ ଛୋଟପିଲା କିମ୍ବା ପୋଷା ଜୀବଜନ୍ତୁ ଥିଲେ ଯେପରି ଏହା ସଂସ୍ପର୍ଶରେ ନଆସନ୍ତି ଧ୍ୟାନ ରଖନ୍ତୁ । ବୋରାକ୍ସ ବଦଳରେ ଆପଣ ବେକିଂ ସୋଡ଼ା ସହିତ ଚିନି ଗୋଳାଇ ପାରିବେ । ଏହା ମଧ୍ୟ ଅସରପା ମାରିବାରେ ସାହାଯ୍ୟ କରିବ । ଏକ ବାଲଟି ପାଣିରେ ୨ କପ ଆମୋନିଆ ମିଶାଇ କିଚେନ ସହିତ ଘରର ଅନ୍ୟ ଚଟାଣଗୁଡ଼ିକୁ ମଧ୍ୟ ଭଲ ଭାବେ ପୋଛି ଦିଅନ୍ତୁ । ପ୍ରତି ଦୁଇ ସପ୍ତାହରେ ଥରେ ଏପରି କରିବା ଦ୍ୱାରା ଅସରପା ସମ୍ପୂର୍ଣ୍ଣ ଦୂର ହୋଇଯିବେ ।



# ଘି'କୁଆଁରୀରୁ ଆତ୍ମନିର୍ଭରଶୀଳ

**ଘିକୁଆଁରୀ ତାହାର ଔଷଧୀୟ ଏବଂ ଉପଶମକାରୀ ଗୁଣ ଯୋଗୁଁ ପ୍ରାଥମିକ ଚିକିତ୍ସା ଉଦ୍ଭିଦଭାବରେ ସୁପରିଚିତ । ଭାରତରେ ସାଧାରଣତଃ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ଘିକୁଆଁରୀକୁ ବ୍ୟବହାର କରାଯାଏ । ଏହା ସ୍କିନ ମଏଶ୍ଚରାଇଜ, ସ୍କିନ କ୍ରିମ, ହେୟାର ଟନିକ ଆଦିରେ ବହୁଳ ବ୍ୟବହାର କରାଯାଉଛି । ଏବେ ଏହାର ଜେଲକୁ ଜୁସ୍ ଓ କନସେଟ୍ରେଟ ଆଦିରେ ମଧ୍ୟ ବ୍ୟବହାର କରାଯାଉଛି । ବ୍ୟବସାୟିକ ଭିିରେ ଘିକୁଆଁରୀ ଆଲୋଭେରାରୁ ବିଭିନ୍ନ ଉତ୍ପାଦ ତିଆରି କରି ଚାଷୀମାନେ ମଧ୍ୟ ବେଶ୍ ଦୁଇ ପଇସା ଲାଭପାଇପାରିବେ ।**

◆ଘିକୁଆଁରୀ ପତ୍ରର କେନ୍ଦ୍ର ଭାଗରେ ଥିବା ଲାଳୁଆ ଅଂଶକୁ ଘିକୁଆଁରୀ ଜେଲ କୁହାଯାଏ । ସେହିଭଳି ଘିକୁଆଁରୀ ପତ୍ରର ବାହାର ଅଂଶ ନିମ୍ନ ଭାଗରେ ଏକପ୍ରକାର ହଳଦିଆ ରଙ୍ଗର ଉତ୍ପାଦ ପ୍ରସ୍ତୁତ ହୋଇଥାଏ । ଏହା ଏଲୋ ଲାଟେକ୍ସ ଅଥବା ଆଲୋଏନ ଭାବରେ ପରିଚିତ । ଏହାବ୍ୟତୀତ ପତ୍ରରୁ ଲାଳୁଆ ଜେଲ୍‌କୁ ବାହାର କରିବା ପରେ ଯେଉଁ ସବୁଜ ଅଂଶ ରହିଥାଏ ତାହା ଆଲୋଭେରା ପ୍ରକ୍ରିୟାକରଣରେ ଏକ ବାଇ ପ୍ରଡକ୍ଟ ଭାବେ ବିବେଚିତ ହୁଏ ।

◆ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଦ୍ୱାରା ଏହାକୁ ଅନେକ ଖାଦ୍ୟ ପ୍ରସ୍ତୁତି କ୍ଷେତ୍ରରେ ମୂଳ ଉପାଦାନ ଭାବରେ ବ୍ୟବହାର କରାଯାଇପାରିବ । ପିତା ଲାଗୁଥିବା ଆଲୋଏନ ଔଷଧୀୟ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ସାଧାରଣତଃ ଖାଦ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ।

◆ ଘିକୁଆଁରୀ ଏକବର୍ଷରୁ ଅଧିକ ସମୟରେ ହୋଇଥିଲେ ତାହା ପାକଳ ହୋଇଯାଇଥାଏ । ସେହିଭଳି ପତ୍ରକୁ ସଂଗ୍ରହ କରନ୍ତୁ । ତାହାକୁ ପରିଷ୍କାର ପରେ କେଲାରିନଯୁକ୍ତ ପାଣିରେ ଧୁଅନ୍ତୁ । ତଳପଟୁ ୨ ସେଣ୍ଟିମିଟର କାଟି ତାହାକୁ ସିଧାକରି ପାଣିରେ ରଖନ୍ତୁ । ଏହାଦ୍ୱାରା ଏଲୋଏନ ଅଂଶ ପାଣିରେ ବୋହିଯିବ । ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ପତ୍ରକୁ ସେହିଭଳି ଛିଡ଼ାକରି ରଖନ୍ତୁ । ସବୁତକ ଆଲୋଏନ ଅଂଶ ଧୋଇଯିବା ପରେ ପତ୍ରକୁ ପୁଣିଥରେ ପାଣିରେ ଧୁଅନ୍ତୁ । ଏହାପରେ ପତ୍ରର ଅଗ୍ରଭାଗ ଏବଂ ଦୁଇ ଧାରଅଂଶକୁ ଯତ୍ନର ସହିତ ବାହାର କରନ୍ତୁ । ତାହାପରେ ସେଥିରୁ ଜେଲ ସଂଗ୍ରହ କରାଯାଇପାରିବ ।



◆ ଘିକୁଆଁରୀର ବହୁ ପୁଷ୍ଟି ଗୁଣ ରହିଥିଲେ ମଧ୍ୟ ତାହାର ନିଜସ୍ୱ କୌଣସି ରଙ୍ଗ ଓ ସ୍ୱାଦ ନାହିଁ ।

# ଓଜନ ହ୍ରାସରେ ସହାୟକ ହୁଏ ଚା'



ଅଧିକାଂଶ ଲୋକେ ଚା'କୁ ସକାଳ ସନ୍ଧ୍ୟା ପାନୀୟ ଭାବେ ପିଉଥିବାର ଦେଖାଯାଏ । ତାଲିକାରେ ଭାରତ, ବ୍ରିଟେନ ଓ ଆମେରିକାର ଲୋକେ ଶୀର୍ଷରେ ଅଛି । ବିଶେଷଜ୍ଞଙ୍କ ମତରେ, ଚା' ପିଇବା ଉପାକରୀ ହେଲେ ଅଧଧିକ ପରିମାଣରେ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ନିକଟରେ ମେକ୍ସିକୋର ଖାଦ୍ୟ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ବିଭିନ୍ନ ପ୍ରକାରର ଚା' ପିଇଲେ ଓଜନ ହ୍ରାସ ହୋଇଥାଏ । ଏହି ବିଭିନ୍ନ ସ୍ୱାଦର ଚା' ମଧ୍ୟରେ ରହିଛି

ଗ୍ରୀନଟି: ସମସ୍ତ ବର୍ଗର ବ୍ୟକ୍ତି ଗ୍ରୀନଟି ଦିନକୁ ଅନ୍ତତଃ ଥରୁଟିଏ ପିଇଲେମ ଧ୍ୟ ସମୋନଙ୍କ ଓଜନ ନିୟନ୍ତ୍ରିତ ହୋଇଥାଏ । ଏଥିରେ ଥିବା ପ୍ରଚୁର ପରିମାଣର ଆଂଟି-ଅକ୍ସିଡାଣ୍ଟ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ପରୀକ୍ଷାରୁ ପ୍ରକାଶିତ ଯେ ନିୟମିତ ଗ୍ରୀନଟି ପିଇବା ଦ୍ୱାରା ଦନୈକ ୭୦ କ୍ୟାଲୋରୀ ଓଜନ ହ୍ରାସହୁଏ ।

ପିପରମିଣ୍ଟ ଟି: ଜାପାନ ଓ ଚୀନର କେତେକ ପ୍ରାନ୍ତରେ ଏହି ଚା'ର ଲୋକପ୍ରିୟତା ରହିଛି । ନିୟମିତ ଭାବେ ଏହି ଚା' ପିଇଲେ ଅମ୍ଳ ରୋଗ ମଧ୍ୟ ନିୟନ୍ତ୍ରିତ ହେଉଥିବାର ବିଶେଷଜ୍ଞଙ୍କ ମତ ।

ଓଲନ୍ଦ ଚା: ଚୀନରେ ଉପଲବ୍ଧ ହେଉଥିବା ଏହି ବିଶେଷ ସ୍ୱାଦର ଚା' ପିଇଲେ ପେଟ ଚର୍ବି କମ୍ ହେଉଥିବାର ପରୀକ୍ଷାରୁ ପ୍ରକାଶିତ । ସେଠା ଯୁବପିଢ଼ି ଏହି ଚା' ନିୟମିତ ଭାବେ ପିଇଥାନ୍ତି । ବିଶ୍ୱସ୍ତରରେ ଓଲଙ୍ଗ ଚା' ବେଶ୍ ଲୋକପ୍ରିୟତା ରିହଛି ।

ବ୍ଲାକ୍ ଟି: କମ ସମୟ ମଧ୍ୟରେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ନିମନ୍ତେ ଏହା ଏକ ଉତ୍ତମ ପାନୀୟ । ସକାଳବେଳା ଥରୁଟିଏ ଏହି ଚା' ପିଇଲେ ଦୈନିକ ୬୦ କ୍ୟାଲୋରୀ ଓଜନ ହ୍ରାସ ପାଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।



# ଗର୍ଭବତୀ ଓ ସ୍ୱାଇନ୍‌ଫ୍ଲୁ

ଲକ୍ଷଣ:ଏହି ରୋଗରେ ଆକ୍ରାନ୍ତ ହେଲେ ଅତ୍ୟଧିକ ଜ୍ୱର, କାଶ, ଗଳା ଦରଜ, ଛିଙ୍କ, ନାକରୁ ପାଣି ବାହାରିବା, କ୍ଲାନ୍ତି, ମୁଣ୍ଡବ୍ୟଥା, ଦେହହାତ ଘୋଳାବିନ୍ଧା, ବାନ୍ତିହେବା ବା ଲାଗିବା, ଥକିପଡ଼ିବା, ଶୀତୁଆ ଲାଗିବା, ପେଟଗୋଳମାଳ, ଝାଡ଼ା, ନିମୋନିଆ ଆଦି ଲକ୍ଷଣମାନ ଦେଖାଯାଇଥାଏ । ତେବେ ସାଧାରଣ ମଣିଷଙ୍କ ଅପେକ୍ଷା ମଧୁମେହ ରୋଗୀ, ହୃଦରୋଗୀ, ଶ୍ୱାସରୋଗୀ, ବୃଦ୍ଧ ଓ ଛୋଟ ପିଲାମାନଙ୍କ ଠାରେ ଏବଂ ସର୍ବୋପରି ଗର୍ଭବତୀଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି କମ୍‌ଥିବାରୁ ଏହି ରୋଗର ଆଶଙ୍କା ବେଶି ।

ସତର୍କତା: ଯେହେତୁ ଗର୍ଭବତୀଙ୍କୁ ସ୍ୱାଇନ୍‌ଫ୍ଲୁ ହେବାର ଆଶଙ୍କା ବେଶି, ତେଣୁ ଏ ସମୟରେ ସେମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ ।

◆ ଯଦି ପରିବାରରେ ବା ପଡ଼ିଶାରେ କେହି ସ୍ୱାଇନ୍‌ଫ୍ଲୁରେ ଆକ୍ରାନ୍ତ ହୋଇଥାଆନ୍ତି, ତେବେ ସଂକ୍ରମଣର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ । ଏହି ରୋଗରେ ଜ୍ୱରସହ ଶ୍ୱାସନଳୀ ସଂକ୍ରମଣର ଲକ୍ଷଣ ମଧ୍ୟ ଦେଖାଦେଇଥାଏ । ତେଣୁ ସଂକ୍ରମିତ ରୋଗୀ ନିକଟରୁ ଅତି କମ୍‌ରେ ୬ ଫୁଟ୍ ଦୂରତ୍ୱ ରକ୍ଷା କରନ୍ତୁ ।



◆ ଅପର ପକ୍ଷରେ ସ୍ୱାଇନ୍‌ଫ୍ଲୁ ଆକ୍ରାନ୍ତ ବ୍ୟକ୍ତି ମଧ୍ୟ ଜନଗହଳି ଠାରୁ ଦୂରେଇ ରହିବା ଉଚିତ । କାରଣ ରୋଗୀ କାଶିଲେ ବା ଛିଙ୍କିଲେ ଏଥିରେ ଡ୍ରପ୍‌ଲେଟ୍ ସଂକ୍ରମଣ ମାଧ୍ୟମରେ ଲକ୍ଷଲକ୍ଷ ଭୂତାଣୁ ସ୍ପ୍ରେଡ୍ କରିଥାନ୍ତି, ଫଳରେ ଅନ୍ୟମାନଙ୍କ ଠାରେ ରୋଗ ଆଶଙ୍କା ବୃଦ୍ଧି ହୋଇଥାଏ ।



◆ ପୁରାତନ କାଳରୁ ଗର୍ଭବତୀମାନଙ୍କୁ ଗୁରୁଜନମାନେ ଘରୁ ବାହାରକୁ ଯିବା ଉପରେ କଟକଣା ଲଗାଇଥାନ୍ତି । ଏବେ ଏହା ମଧ୍ୟ ବିଜ୍ଞାନ ସମ୍ମତ ।

◆ ଗର୍ଭବତୀମାନେ ଜନଗହଳି ସ୍ଥାନ ଯଥା ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ୍ ଓ ବିମାନ ବନ୍ଦରକୁ ନଯିବା ଭଲ । ଏମିତିକି ପୂଜାପାର୍ବଣ, ସଭାସମିତି ଭଳି ସାର୍ବଜନୀନ ଗହଳି ସ୍ଥାନରେ ଯୋଗଦେବା ବି ଠିକ୍ ନୁହେଁ । ଯିବା ନିହାତି ଜରୁରୀ ହେଲେ ମୁହଁ ଓ ନାକରେ ୩ ଲେୟାର୍ ଥିବା ମାସ୍କ (ଏନ୍.୯୫) ବା ମୁଖା ପିନ୍ଧନ୍ତୁ । ତେବେ ସେଠାରେ କୌଣସି ଜିନିଷ ଛୁଅନ୍ତୁ ନାହିଁ ବା ସାଧାରଣ ଜାଗାରେ ପରିବେଷିତ ହେଉଥିବା ଖାଦ୍ୟ ଖାଆନ୍ତୁ ନାହିଁ ।

◆ ରୋଗୀଙ୍କ ସଂସ୍ପର୍ଶରେ ଆସିଲେ ସଙ୍ଗେ ସଙ୍ଗେ ହାତ ସାବୁନ୍ କିମ୍ବା ହ୍ୟାଣ୍ଡ୍‌ୱାଶ୍ ଓ ପାଣିରେ ଅନ୍ତତଃ ପକ୍ଷେ ୨୦ ସେକେଣ୍ଡ ଧରି ଧୋଇବା ଉଚିତ ।

◆ ଏମିତିକି ଗର୍ଭବତୀ ମହିଳା କବାଟ ହ୍ୟାଣ୍ଡେଲ୍, ଟେଲିଫୋନ୍, କମ୍ପ୍ୟୁଟର କିବୋର୍ଡ଼, ଟେବୁଲ ବା କୌଣସି ଜୈବିକ ପଦାର୍ଥ ସଂସ୍ପର୍ଶରେ ଆସିଲେ ମଧ୍ୟ ହାତ ସଫା କରିବା ଆବଶ୍ୟକ ।

◆ ଗର୍ଭବତୀ ନିଜେ ମଧ୍ୟ କାଶିଲେ ଛିଙ୍କିଲେ ମୁହଁରେ ରୁମାଲ ବା ଟିସୁ ପେପର ଦେବା ଦରକାର ।

ଜାଣି ରଖନ୍ତୁ: ଗର୍ଭବତୀଙ୍କୁ ଅତ୍ୟଧିକ ଜ୍ୱର, କାଶ, ଛିଙ୍କ, ପେଟ ଗୋଳମାଳ, ଝାଡ଼ା, ଦେହ ଦରଜ ବା ନିମୋନିଆ ହେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଏଚ ୱାନ୍, ଏନ୍‌ୱାନଭୂତାଣୁ ପାଇଁ ସ୍ୱାବ୍ ଟେଷ୍ଟ୍ କରାଇବା ଜରୁରୀ । କାରଣ ଗର୍ଭାବସ୍ଥାରେ ସ୍ୱାଇନଫ୍ଲୁ ଦ୍ୱାରା ଗର୍ଭସ୍ଥ ଶିଶୁଟି ଆକ୍ରାନ୍ତ ହୋଇଥାଏ । ସ୍ଥଳ ବିଶେଷରେ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥାଏ ଏବଂ ଗର୍ଭବତୀର ମଧ୍ୟଜୀବନ ଉପରେ ବିପଦ ଥାଏ ।

ପ୍ରସବ ଯଦି ରୋଗ ଚିହ୍ନଟ ହୁଏ ତେବେ ପ୍ରସବ ମେଡ଼ିକାଲ କଲେଜ ବା ଲେଭେଲ ଥ୍ରୀ ସେଣ୍ଟରରେ କରାଇବା ଦରକାର । ପ୍ରସବ କରାଇବା ସମୟରେଡାକ୍ତର ଓ ସିଷ୍ଟରମାନେ ମାସ୍କ ପିନ୍ଧିବା ଜରୁରୀ । ଏହି ଭୂତାଣୁ କବଳରୁ ଶିଶୁକୁ ରକ୍ଷା କରିବାକୁ ହେଲେ ତୁରନ୍ତ ଶିଶୁକୁ ନିଓନାଟାଲ କେୟାର ୟୁନିଟ୍‌ରେ ରଖିବା ଉଚିତ । ରୋଗିଣୀ ମଧ୍ୟ ଅନ୍ୟ ୱାର୍ଡ଼ରେ ରହିବା ଦରକାର ।

ଟିକା- ମନେରଖନ୍ତୁ ଗର୍ଭବତୀ ମହିଳାମାନେ ଲାଇଭ ଭ୍ୟାକ୍ସିନ୍ ନେଇପାରିବେ ନାହିଁ । ତେଣୁ ସ୍ୱାଇନଫ୍ଲୁ ପାଇଁ ମିଳୁଥିବା ଟିକା ମଧ୍ୟରୁ ନାଜାଲସ୍ପ୍ରେରେ ଲାଇଭ ଭାକ୍ସିନ୍ ଥିବାରୁ ଏହା ଗର୍ଭବତୀ ମହିଳାଙ୍କୁ ଦିଆଯାଏ ନାହିଁ । ଯେଉଁ ଗର୍ଭବତୀ ମହିଳାମାନେ ରୋଗୀମାନଙ୍କର ସଂସ୍ପର୍ଶରେ ଆସିବେ ମୋନେ ଟିକା, ଇଞ୍ଜେକସନ ଆକାରରେ ନେଇପାରିବେ । ସେହିଭଳି ଯେଉଁ ଗର୍ଭବତୀମାନଙ୍କର ପରିବାର ବା ପଡ଼ିଶାରେ କାହାର ସ୍ୱାଇନ୍‌ଫ୍ଲୁ ହୋଇଛି ତେବେ ସେମାନେ 'ଟାମିଫ୍ଲୁ' ଟିକା ମଧ୍ୟ ନେଇପାରିବେ । କିମ୍ବାକାଶ, ଛିଙ୍କ, ଜ୍ୱର ଓ ମୁଣ୍ଡବ୍ୟଥା ୪୮ଘଣ୍ଟାରୁ ବେଶି ରହିଲେ 'ଟାମିଫ୍ଲୁ' ବଟିକା ସେବନ ମଧ୍ୟକରିପାରିବେ ।

ତେବେ ଗର୍ଭବତୀ ମହିଳା ସ୍ୱାଇନଫ୍ଲୁ ପାଇଁ ଚିକିତ୍ସା ଠାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଦରକାର । ସେଥିପାଇଁ ନିଜେ ସତର୍କ ରହି ନିଜ ଗର୍ଭସ୍ଥ ଶିଶୁକୁ ମଧ୍ୟ ନିରାପଦ ରଖିବା ବିଧେୟ ।

# ଆଖଣ୍ଡଳମଣି

ଆରଡ଼ି ଗ୍ରାମର ଆଖଣ୍ଡଳମଣି ମନ୍ଦିର ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ । ଆଖଣ୍ଡଳମଣିଙ୍କୁ ଭକ୍ତିରେ ଅନେକ 'ମଣିକ' ବୋଲି ମଧ୍ୟ ସମ୍ବୋଧନ କରନ୍ତି । । ବୈତରଣୀ ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିରକୁ ଚାନ୍ଦବାଲିରୁ କେନ୍ଦ୍ରାପଡ଼ା ଦୈନିକ ଚଳାଚଳ କରୁଥିବା ମୋଟର ବୋଟଗୁଡ଼ିକ ଏଠାରେ ରହଣି କରି ଯାଇଥାଏ । ଚାନ୍ଦବାଲିରୁ ନଦୀପଥରେ ଆରଡ଼ିର ଦୂରତା ମାତ୍ର ୧୧ କିଲୋମିଟର । ଭଦ୍ରକରୁ ଭଣ୍ଡାରୀପୋଖରୀକୁ ଜାତୀୟ ରାଜପଥରେ, ଧାମନଗର ଛକରୁ ବାମକୁ ପକ୍କା ସଡ଼କରେ, କୋଠାର ବାଟ ଦେଇ ନିୟମିତ ବସ ଆରଡ଼ିକୁ ଯାତାୟତ କରେ । ଆରଡି ସଡ଼କ ପଥରେ ଭଦ୍ରକ ସହରରୁ ୫୨ କିଲୋମିଟର ଦୂର । ଆଖଣ୍ଡଳମଣି ମନ୍ଦିର ଆଧୁନିକ ସରଞ୍ଜାମରେ ନିର୍ମିତ ଓ ସାଧାରଣ ଆକାରର । ମନ୍ଦିର ବିମାନ ଓ ଜଗମୋହନ ଉଭୟ ପୀଢ଼ ଶୈଳୀରେ ନିର୍ମିତ । ମନ୍ଦିରର ବିମାନ ଆକାରରେ ବଡ଼ ଓ ଜଗମୋହନ ଆକାର ଛୋଟ । ସମଗ୍ର ମନ୍ଦିରର ବାହ୍ୟ ଭାଗ ଚୁନ ପଲସ୍ତରା କରାଯାଇ, ଚୂଡ଼ା ଅଞ୍ଚଳକୁ ବିବିଧ ରଙ୍ଗରେ ସଜ୍ଜିତ କରାଯାଇଛି । ହତା ମଧ୍ୟରେ ଅନ୍ୟ ଦେବଦେବୀଙ୍କୁ କ୍ଷୁଦ୍ର ମନ୍ଦିରମାନ ମଧ୍ୟ ରହିଛି । ଗଣେଶ, କାର୍ତ୍ତିକେୟ ଓ ପାର୍ବତୀମାତାଙ୍କ ମନ୍ଦିର ଏହା ମଧ୍ୟରେ ପ୍ରମୁଖ । ପାଚେରି ଘେରା ହତା ମଧ୍ୟରେ ହୋମଘର, କୂଅ ଓ ପଛ ପଟେ ପାହାଚ ଥିବା ପୋଖରୀଟିଏ ରହିଛି । ମନ୍ଦିରର ପ୍ରବେଶ ଅଞ୍ଚଳକୁ ମାଡ଼ି ଆସିଥିବା ବଜାର ସଂକୀର୍ଣ୍ଣ କରି ରଖିଛି । କନିକାର ଭଞ୍ଜ ରାଜା ଏ ମନ୍ଦିର ନିର୍ମାଣ କରିଥିଲେ । କିମ୍ବଦନ୍ତୀ ଅନୁସାରେ, ରାଜାଙ୍କୁ ନିଦ୍ରାରେ ସ୍ୱପ୍ନାଦେଶ ହୋଇଥିଲା ଯେ, ସିକାଳୁ ଏହି ସ୍ଥାନକୁ ଆସିଲେ ଏକ ଗଛ ମୂଳରେ ନାଗସାପ ଖେଳୁଥିବା ଦେଖିବେ । ସେହି ସ୍ଥାନରେ ଖେଳିଲେ ଏକ ଶିବଲିଙ୍ଗ ମିଳିବ । ସେହି ଶିବଲିଙ୍ଗକୁ ସ୍ଥାପନ କରି, ମନ୍ଦିର ତୋଳି ପୂଜାର୍ଚ୍ଚନା ପାଇଁ ଆଦେଶ ହୋଇଥିଲା । ସ୍ୱାପ୍ନାଦେଶ ଅନୁଯାୟୀ, ଶିବଲିଙ୍ଗ ମିଳିଥିବା ସ୍ଥାନରେ ଏହି ମନ୍ଦିର ହୋଇଛି । ଶିବଲିଙ୍ଗ ଘର୍ଷଣ ହେଉଥିବା କ୍ଷୀର, ଦହି, ଛେନା, ଲହୁଣୀ, ମହୁ, କଦଳୀ ଏବଂ ନଡ଼ିଆ ମିଶ୍ରିତ ଭୋଗ ମନ୍ଦିର ନିକଟରେ ଥିବା ଏକ କୁଣ୍ଡକୁ ବୋହିଯାଏ । ଶ୍ରଦ୍ଧାଳୁମାନେ ସେହି କୁଣ୍ଡରୁ ପ୍ରସାଦ ନେଇ ଭକ୍ତ ସେହି ସେବନ କରିଥାନ୍ତି । ଦୂରଦୂରାନ୍ତରୁ ଆଖଣ୍ଡଳମଣିଙ୍କୁ ଅପାର ମହିମାର ପ୍ରଶସ୍ତି ରହିଛି । ସର୍ପ ଦଂଶିତ ବ୍ୟକ୍ତିକୁ ଏଠାକୁ ଆଣିଲେ, ବିଷ ହରଣ ହୋଇ ସୁସ୍ଥ ହୋଇଯାଆନ୍ତି ବୋଲି ବିଶ୍ୱାସ କରାଯାଏ । ଅନେକ ଅସାଧ୍ୟ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଏଠାରେ ଅଧିଆ ପଡ଼ି ଭଲ ହୋଇଥିବା କୁହାଯାଏ । ଶିବରାତ୍ରିରେ ଆରଡିରେ ଏକ ବଡ଼ ମେଳା ଅନୁଷ୍ଠିତ ହୁଏ । ଏଥିରେ ବହୁ ଭକ୍ତଙ୍କ ଗହଣରେ ରାତିସାରା ଭଜନ, କୀର୍ତ୍ତନ ମଧ୍ୟରେ ମହାଦୀପ ଉଠିଥାଏ । ୧୯୮୭ ମସିହାରେ ମନ୍ଦିରରେ ଦାନ ହୁଣ୍ଡି ପ୍ରତିଷ୍ଠା କରାଯାଇଛି । ମଣିକଙ୍କ ମନ୍ଦିର ତତ୍ତ୍ୱାବଧାରକ ମଣ୍ଡଳୀ (ବୋର୍ଡ଼ ଅଫ୍ ଟ୍ରଷ୍ଟି)ଙ୍କ ଦ୍ୱାରା ଏହି ମନ୍ଦିର ପରିଚାଳିତ ହେଉଛି ।





ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୩ ନଭେମ୍ବର ୨୦୨୩, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୂଟନୈତିକ ସମ୍ପର୍କ ...

ଗତ ସପ୍ତାହରେ ଭୁଟାନ୍ ବିଦେଶ ମନ୍ତ୍ରୀ ତାଣ୍ଡି ଦୋର୍ଜି ଚୀନ୍ ଗସ୍ତରେ ଯାଇଥିଲେ। ତାଙ୍କର ଏହି ଗସ୍ତ ଅନେକଗୁଡ଼ିଏ ସ୍ତରରେ ଅଭୂତପୂର୍ବ ଥିଲା । ଏହାର କାରଣ ଏକ ଛୋଟ ଦେଶ ହେଲେ ମଧ ଭୁଟାନ୍‌ର ଭାରତ ସହିତ ସମ୍ପର୍କ ନିବିଡ଼ ଏବଂ ଭାରତ ଏହାର ସାର୍ବଭୌମତ୍ୱ ଓ ଅଖଣ୍ଡତା ରକ୍ଷା କରିବାକୁ ସଦା ସର୍ବଦା ପ୍ରତିବଦ୍ଧତା ପ୍ରଦର୍ଶନ କରି ଆସିଛି । ଅପର ପକ୍ଷରେ ଚୀନ୍ ସହିତ ଭୁଟାନ୍ କୂଟନୈତିକ ସମ୍ପର୍କ ନାହିଁ । ଭୁଟାନ୍‌ର କୌଣସି ବିଦେଶ ମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ଚୀନ୍ ଗସ୍ତ । ଏହା ବାଦ୍ ଚୀନ୍ ସୀମାକୁ ଲାଗିଥିବା ଭୁଟାନ୍ ସହିତ ଚୀନ୍‌ର ସୀମା ବିବାଦ ରହିଥିବା ଉଣା ଅଧିକେ ସମସ୍ତେ ଜାଣନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ ବିଗତ ସାତ ବର୍ଷରୁ ଅଧିକ ସମୟ ମଧ୍ୟରେ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ କୌଣସି ପ୍ରକାରର ଆଲୋଚନା ହୋଇନାହିଁ । ତେଣୁ ଭୁଟାନ୍ ବିଦେଶ ମନ୍ତ୍ରୀଙ୍କ ଗସ୍ତ କାଳରେ ତାଙ୍କର ଚୀନ୍ ପ୍ରତିପକ୍ଷଙ୍କ ସହିତ ସୀମା ବିବାଦ ତୁଟାଇବା ସମ୍ପର୍କରେ ଆଲୋଚନା ହେବା ଏବଂ ଉଭୟ ପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ମିଳିତ ବିବୃତି ଅନୁସାରେ ଏହି ପ୍ରସଙ୍ଗ ଉଲ୍ଲେଖନୀୟ ପ୍ରଗତି ହାସଲ କରିଥିବା ଅବଶ୍ୟ ଭାରତ ପାଇଁ ଲକ୍ଷ୍ୟ କରିବାର ଏକ ପ୍ରସଙ୍ଗ । ଯାହା ଜଣାପଡ଼ିଛି, ଭୁଟାନ୍ ଏବଂ ଚୀନ୍ ସୀମାର ପୁନଃନିର୍ଦ୍ଧାରଣ ଏବଂ ବଣ୍ଟନ ନିମନ୍ତେ ଏକ ନୂଆ ମିଳିତ ବୈଷୟିକ ଦଳ କାର୍ଯ୍ୟ କରିବା ସମ୍ପର୍କରେ ଏକ ସହଯୋଗ ରାଜିନାମାରେ ମଧ ସ୍ୱାକ୍ଷର କରିଛନ୍ତି । ଏହାପରେ ଭୁଟାନ୍ କହିଛି ଯେ ଚୀନ୍ ସହିତ ଏହାର କୌଣସି ବଡ଼ ଧରଣର ମତ ପାର୍ଥକ୍ୟ ନାହିଁ । ଇତ୍ୟବସରରେ ଚୀନ୍ କହିଛି ଯେ ସୀମା ସମସ୍ୟାର ସମାଧାନ ଭୁଟାନ୍ ସହିତ ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା କରିବା ନିମନ୍ତେ ପଥ ପରିଷ୍କାର କରି ପାରିବ। ତେଣୁ ଏସବୁ କେବଳ ଚୀନ୍ ଏବଂ ଭୁଟାନ୍ ପାଇଁ ଉଲ୍ଲେଖନୀୟ ପ୍ରଗତି ନୁହେଁ, ବରଂ ଭାରତ ପାଇଁ ମଧ । ଚୀନ୍ ଏହାର ସୀମାକୁ ଲାଗିଥିବା ୧୪ଟି ପଡ଼ୋଶୀ ରାଷ୍ଟ୍ରଙ୍କ ମଧ୍ୟରୁ ୧୨ଟି ରାଷ୍ଟ୍ରଙ୍କ ସହିତ ସୀମା ବିବାଦର ସମାଧାନ କରି ସାରିଛି; ବାକି ରହି ଯାଇଥିବା ୨ଟି ରାଷ୍ଟ୍ର ହେଉଛନ୍ତି ଭାରତ ଓ ଭୁଟାନ୍ ଯାହାଙ୍କ ସହିତ ଏହା ଏବେ ବି ବୁଝାମଣା କରି ଚାଲିଛି । ଭୁଟାନ୍‌ର ସୀମା କେବଳ ଭାରତ ଓ ଚୀନ୍‌କୁ ଲାଗିଛି । ଚୀନ୍ ସହିତ ଏହାର ସୀମା ସମସ୍ୟାର ସମାଧାନ ଏହି କ୍ଷୁଦ୍ର ହିମାଳୟ ଅଞ୍ଚଳର ରାଜ୍ୟ ପାଇଁ ସବୁ ପ୍ରକାରର ସୀମା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବ । କିନ୍ତୁ ଭାରତ ପାଇଁ ଚୀନ୍ ଏବଂ ଭୁଟାନ୍ ମଧ୍ୟରେ ସମ୍ପର୍କରେ ଘଟୁଥିବା ଉନ୍ନତି ଭାରତ ପାଇଁ ବଡ଼ ଧରଣର ଉତ୍କଣ୍ଠା ଆଣିଦେବା ସ୍ୱାଭାବିକ । ଏହା ଏଥିପାଇଁ ନୁହେଁ ଯେ ଚୀନ୍ ଏବଂ ଭୁଟାନ୍ ମଧ୍ୟରେ ସୀମା ବିବାଦର ସମାଧାନ ହେଉ ନଥିବାରୁ ଭାରତ କିଛି ଫାଇଦା ପାଉଛି । ବରଂ ତା' ପରିବର୍ତ୍ତେ ଭାରତର ଚିନ୍ତାର କାରଣ ହେଉଛି- ଚୀନ୍ ଏବଂ ଭୁଟାନ୍ ମଧ୍ୟରେ କ୍ଷମତାର ଅସନ୍ତୁଳନ, ସୀମା ସମ୍ପର୍କିତ ସେମାନଙ୍କର ଆଲୋଚନାର ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ର ଉପରେ ସ୍ପଷ୍ଟତାର ଅଭାବ, ଏବଂ ଭାରତର ଏଇ ଦୁଇ ଉତ୍ତରାଞ୍ଚଳ ପଡ଼ୋଶୀଙ୍କ ମଧ୍ୟରେ ଦୃଢ଼ୀଭୂତ ହେବାକୁ ଯାଉଥିବା ସମ୍ପର୍କର ପରିଣତି । ଭାରତ ପାଇଁ ଏଭଳି ଚିନ୍ତାର କାରଣ ହେଉଛି ଭାରତ ଉପରେ ଭୁଟାନ୍‌ର ସ୍ୱତନ୍ତ୍ର ଧରଣର ନିର୍ଭରଶୀଳତା, ଯେଉଁଥି ପାଇଁ ଚୀନ୍ ସହିତ ଏହା ସମ୍ପର୍କକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରିବା ବେଳେ ଭାରତର ସୁରକ୍ଷା ସ୍ୱାର୍ଥ ଓ ଲୋହିତ ରେଖାକୁ କେତେଦୂର ଏହା ବଳବତ୍ତର ରଖିବା ଉପରେ ପ୍ରାଧାନ୍ୟ ଦେଇଥିବ। ଅବଶ୍ୟ ନିବିଡ଼ ସମ୍ପର୍କ ଦୃଷ୍ଟିରୁ ଭାରତ ଏ ବାବଦରେ କ୍ୱଚିତ୍ ଭୁଟାନ୍ ଉପରେ ସନ୍ଦେହ ପ୍ରକଟ କରିବ। ସେ ସମୟରେ ଚୀନ୍ ସେହି ସୀମା ତା'ର ବୋଲି ଦାବି କରିଥିବା ବେଳେ ଭାରତ ଯୁକ୍ତି ଦର୍ଶାଇ ଥଲା କି କ୍ଷୁଦ୍ର ରାଷ୍ଟ୍ର ଭୁଟାନ୍ ଅନୁରୋଧରେ ସେହି ରାଷ୍ଟ୍ରର ଅଖଣ୍ଡତାକୁ ବଜାୟ ରଖି ବା ନିମନ୍ତେ ଏହାର ସୈନ୍ୟବାହିନୀ ସେଠାକୁ ଯାଇଥିଲା । ଭୁଟାନ୍ ବିଦେଶ ମନ୍ତ୍ରୀଙ୍କର ସାମ୍ପ୍ରତିକ ଚୀନ୍ ଗସ୍ତ ପରେ ଡୋକ୍‌ଲାମ୍‌କୁ ନେଇ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ କିଛି ବୁଝାମଣା ହୋଇଛି କି ନାହିଁ, ତାହା ଏ ପର୍ଯ୍ୟନ୍ତ ସୁଦ୍ଧା ଅସ୍ପଷ୍ଟ ରହିଛି, ପରନ୍ତୁ, ଇତିହାସ ସାକ୍ଷୀ, ଚୀନ୍ ଥରେ କୌଣସି ସ୍ଥାନକୁ ଖୋଲାଖୋଲି ଦାବି କରିବା ପରେ ସେହି ସ୍ଥାନକୁ ଛାଡ଼ିଦେବା କଥା ଉପରେ ସହଜରେ ରାଜି ହୋଇ ନଥାଏ । ଭୁଟାନ୍ ଯଦି ସେହି ମାଳ ଅଞ୍ଚଳ ଉପରେ ନିଜର ଦାବିକୁ ପରିତ୍ୟାଗ କରି ଦେଇଥାଏ, ତା'ହେଲେ ସୁରକ୍ଷା ପ୍ରସଙ୍ଗକୁ ନେଇ ଭାରତ ପାଇଁ ଏକ ଗୁରୁତର ଚିନ୍ତାର କାରଣ ରହିବ । ଡୋକ୍‌ଲାମ୍ ଭାରତର ଉତ୍ତରପୂର୍ବ ଅଞ୍ଚଳ ସହିତ ଅବଶିଷ୍ଟ ଭାରତକୁ ଯୋଡୁଥିବା ତଥାକଥିତ ଚିକେନ୍ ନେକ୍ ବା କୁକୁଡ଼ାର ବେକ ଭାବରେ ପରିଚିତ ସ୍ଥାନର ଅତି ନିକଟରେ ଅବସ୍ଥିତ। ତେଣୁ ଏଠାରେ ଚୀନର ସ୍ଥାୟୀ ଉପସ୍ଥିତି ଏହାର ସୀମାକୁ ସଂଯୁକ୍ତ କରି ରଖିବାକୁ ଭାରତର ସାମର୍ଥ୍ୟ ନିମନ୍ତେ ଏକ ସ୍ଥିତିଗତ ବିପଦ ଉପସ୍ଥାପିତ କରିବ । ପୁନଶ୍ଚ, ଚୀନ୍ ଏବଂ ଭୁଟାନ୍ ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ କୂଟନୈତିକ ସମ୍ପର୍କ ମଧ ଭୁଟାନ୍ ଉପରେ ଭାରତର ରହି ଆସିଥିବା ପାରମ୍ପରିକ ପ୍ରଭାବକୁ କ୍ଷୁଣ୍ଣ କରିବାର ସମ୍ଭାବନା ରଖେ। ତେଣୁ ଭାରତ ପାଇଁ ସମ୍ପ୍ରତି ଏକ କୌଶଳପୂର୍ଣ୍ଣ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ଭୁଟାନ୍ ବାବଦରେ ଯଦ୍ୱାରା ଏହା ମନରେ ଭାରତ ପ୍ରତି କୌଣସି ପ୍ରକାରର ଭୟ ରହିବ ନାହିଁ ଏବଂ ଚୀନ୍ ସହିତ ଏହାର ବୁଝାମଣା ସମୟରେ ଭାରତର କଥାକୁ ଚିନ୍ତା କରି ଏହା ତା'ର କାର୍ଯ୍ୟ ଯେପରି କରିବ, ତାହା ଭୁଟାନ୍‌କୁ ଅନୁଭବ କରାଇବା ଭାରତ ପକ୍ଷେ ବିଜ୍ଞତାର ପରିଚାୟକ ହେବ । କାରଣ ହିମାଳୟ ଅଞ୍ଚଳ ଭଳି ଏ କ୍ଷେତ୍ରରେ ମଧ ଭାରତକୁ ଅତି ଚତୁରତାର ସହିତ କାର୍ଯ୍ୟ କରିବାକୁ ପଡ଼ିବ



# ଗୁରୁ - ନିର୍ବାଚନ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର

ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୃଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାରଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୁରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ମାନେ ହିଁ ସଦ୍‌ଗୁରୁ ବା ଆଚାର୍ଯ୍ୟ । ଗୁରୁ ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତ ବିଗ୍ରହ । ସେ ହିଁ ରୂପାୟିତ ଈଶ୍ୱର ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି ବୃଦ୍ଧିର ପରମ ଅମୃତପଥ, ସମସ୍ତ ଦ୍ୱନ୍ଦ ଭିତରେ ଅନ୍ୱୟୀ ସ୍ୱାର୍ଥକତାର ସାରକେନ୍ଦ୍ର।

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତ୍ତିବଶ୍ୟତାଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଳ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ଯେତେ ଦେହରେ, ଯେତେ ରୂପରେ, ଯେତେ ଥର ହିଁ ସେ ଆସନ୍ତୁ, ସେ ଜଣେ ହିଁ । ଈଶ୍ୱର ଯେପରି ଏକ ଓ ଅଦ୍ୱିତୀୟ, ଅବତାର ପୁରୁଷମାନେ ମଧ ସେହିପରି ଏକ ଓ ଅଦ୍ୱିତୀୟ । ଅବତାର ପୁରୁଷମାନଙ୍କ ମଧ୍ୟରେ ଭେଦ କରିବା ମହା ପାପ । ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ କୌଣସି ଭୁଲ ଭ୍ରାନ୍ତି ନାହିଁ । ତେବେ ତାଙ୍କର ସବୁ ଆଚରଣର ଅର୍ଥ ଆମ୍ଭେମାନେ ହୁଏତ ଠିକ୍ ଭାବରେ ବୁଝି ପାରୁ ନାହୁଁ । ତାହା ମଧ ବୁଝି ପାରିବୁ ଯଦି ତାଙ୍କ ପାଖରୁ ପଚାରି ଜାଣି ନେଉ । କାହାଙ୍କୁ ଗୁରୁ ବୋଲି ଗ୍ରହଣ କରିବା ଆଗରୁ ହିସାବ କରି ଗ୍ରହଣ କରିବା ଭଲ । କିନ୍ତୁ ଗୁରୁ ବୋଲି ଗ୍ରହଣ କରିବା ପରେ ଶ୍ରଦ୍ଧା ସହକାରେ ଅନୁସରଣ କରିବାକୁ ହୁଏ । କିନ୍ତୁ କେହି ଯଦି ଅବତାର ବା ବେତ୍ତା ଗୁରୁ ନ ହୁଅନ୍ତି ତାଙ୍କର ଉଚିତ୍ ନିଜକୁ ଦୀକ୍ଷା-ଉପଦେଷ୍ଟା ବା ଋତ୍ୱିକ୍ ବୋଲି ପରିଚିତ କରି ପୂର୍ବତନ ବେତ୍ତା ଗୁରୁଙ୍କୁ ଗୁରୁ ହିସାବରେ ଦେଖାଇ ଦେବା ଓ ସେହି ସଙ୍ଗେ ସଙ୍ଗେ ଜୀବନ୍ତ ସଦ୍‌ଗୁରୁ ବା ବେତ୍ତା ପୁରୁଷଙ୍କୁ ପାଇଲେ ତାଙ୍କୁ ଗ୍ରହଣ କରିବାକୁ କହିବା ଉଚିତ୍ ।

ଭଗବାନ୍ ଯୀଶୁ କହିଛନ୍ତି - ମୋ ମାଧ୍ୟମ ବ୍ୟତୀତ କେହି ପରମ ପିତାଙ୍କ ପାଖକୁ ଆସିପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ବୈଷ୍ଣବ ଶାସ୍ତ୍ରରେ ଅଛି - କୃଷ୍ଣଙ୍କର ଯେତେ ଲୀଳା ସର୍ବୋତ୍ତମ ନରଲୀଳା, ନରବପୁ ତାଙ୍କର ସ୍ୱରୂପ, ଗୋପ ବେଶ ବେଣୁକର, ନବ କିଶୋର ନଟବର, ନରଲୀଳା ହୁଏ ଅନୁରୂପ । କୋରାନ୍‌ରେ ଅଛି ପ୍ରେରିତଙ୍କୁ ବାଦ୍ ଦେଇ ଈଶ୍ୱରଙ୍କର ଉପାସନା ହୁଏ ନାହିଁ । ବୌଦ୍ଧ ଧର୍ମରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି । ତେଣୁ ମୂଳ କଥା ହେଲା - ଆଦର୍ଶଙ୍କ ନିର୍ବାଚନ ବା ଗୁରୁ ନିର୍ବାଚନ । ସଦ୍‌ଗୁରୁ ହିଁ ଚିରୋପାସ୍ୟ ଓ ଚିର ବନ୍ଦନୀୟ ।

ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ ଜଣାଅ । ମୁଁ ମଧ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭



# ତୁରନ୍ତ ଯୁଦ୍ଧ ବନ୍ଦ ହେଉ

### ସୌଭାଗ୍ୟ ରଂଜନ ମହାନ୍ତି

ରାଜ୍ୟରେ ଇସ୍ରାଏଲ ଓ ଆତଙ୍କବାଦୀ ସଂଗଠନ ହମାସ ମଧ୍ୟରେ ତୁରନ୍ତ ଯୁଦ୍ଧ ବନ୍ଦ ନେଇ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଆଗତ ପ୍ରସ୍ତାବ ଉପରେ ମତଦାନରୁ ଭାରତ ବିରତ ରହିବା ନେଇ ଦେଶରେ ଭିନ୍ନ ମତ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ସମେତ ବହୁ ରାଜନୈତିକ ଦଳ, ସଂଗଠନ, ବୁଦ୍ଧିଜୀବୀ ମତଦାନରୁ ବିରତ ରହିବା ନିଷ୍ପତିକୁ ଯଥାର୍ଥ କହିଥିବାବେଳେ ଅନ୍ୟକେତେକ ନିଷ୍ପତିକୁ ଭୁଲ ବୋଲି ଦର୍ଶାଇଛନ୍ତି। ଭାରତ ସରକାରଙ୍କ ନିଷ୍ପତିକୁ ଯଥାର୍ଥ ବୋଲି କୁହାଯିବ ଏଇଥିପାଇଁ ଯେ, ବର୍ଷ ବର୍ଷ ଧରି ଆତଙ୍କବାଦ ବିରୁଦ୍ଧରେ ଲଢେଇ ଭାରତ ଜାରି ରଖିଥିବାବେଳେ ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିବା ପାଇଁ ସଂଶୋଧିତ ପ୍ରସ୍ତାବ ସର୍ବାଧିକ ସମର୍ଥନ ନପାଇବା ଯୋଗୁଁ ଭାରତ ମତଦାନରୁ ବିରତ ରହିବାକୁ ବାଧ ହୋଇଛି। କହିବା ବାହୁଲ୍ୟ ଯେ, ଭାରତ ଦଶନ୍ଧି ଦଶନ୍ଧି ଧରି ଆତଙ୍କବାଦର ଶିକାର ହୋଇଥିବା ବେଳେ ବ୍ୟାପକ ଧନଜୀବନ ହାନୀର ସମ୍ମୁଖୀନ ହୋଇଆସିଛି। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ପାଇଁ ଆତଙ୍କବାଦ ଏବେ ସବୁଠାରୁ ବଡ ବିପଦ ଭାବେ ଉଭା ହୋଇଛି। ଆତଙ୍କବାଦର ପିଡା ଯେ, କେତେ ଯନ୍ତ୍ରଣାଦାୟକ, ଭାରତ ବାରମ୍ବାର ଅଙ୍ଗେ ନିଭାଇଥିବାରୁ ଅକ୍ଟୋବର ୭ ଆକ୍ରମଣକୁ ପ୍ରସ୍ତାବରେ ନିନ୍ଦା କରାଯାଇନଥିଲାବେଳେ ଆତଙ୍କବାଦ ପ୍ରତି ଆଖିବୁଜି ଦିଆଯାଇଥିବା ସରକାରଙ୍କ ପକ୍ଷରୁ ଦର୍ଶାଯାଇ ନିଷ୍ପତିକୁ ଯଥାର୍ଥ ବୋଲି କହିଛନ୍ତି। ସେହିପରି ଇସ୍ରାଏଲ-ପାଲେଷ୍ଟାଇନ ବିବାଦର ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ଏକମାତ୍ର ତଥା ମୂଳମାଧମ। ଅନ୍ୟପକ୍ଷରେ ଭାରତ ସରକାରଙ୍କ ନିଷ୍ପତିକୁ ଭୁଲ ବୋଲି କୁହାଯାଇପାରିବ, ଏଇଥିପାଇଁ ଯେ, ଭାରତ ସମଗ୍ର ବିଶ୍ୱକୁ ବୁଦ୍ଧ ଓ ମହାତ୍ମାଗାନ୍ଧୀଙ୍କୁ ଦେଇଛି। ଅହିଂସା ହେଉଛି ପରମଧର୍ମ। ବୁଦ୍ଧ ଓ ଗାନ୍ଧୀଙ୍କର ବାଣୀ ଆଜି ସମଗ୍ର ବିଶ୍ୱରେ ପଥ ପ୍ରଦର୍ଶନ ହୋଇଛି। ବୁଦ୍ଧ ଓ ଗାନ୍ଧୀଙ୍କ ଅହିଂସାନୀତିକୁ ପରିହାର କରି ଭାରତ ସରକାର ହିଂସା ବିରୁଦ୍ଧରେ ମତଦାନ ନକରି ବିରତ ରହିବର ଭୁଲ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଗାଜାକୁ ଇସ୍ରାଏଲ ଚାରିପଟୁ ଅବରୋଧ କରି ରଖିବା ସହ ଖାଦ୍ୟ, ପାଣି, ଯୋଗାଣକୁ ବନ୍ଦ କରି ଆକାଶ, ଜଳ, ସ୍ଥଳ ଭାଗରୁ ଅହରହ ଆକ୍ରମଣ କରିବା ଯୋଗୁଁ ହଜାର ହଜାର ନିରୀହ ଲୋକ ମୃତ୍ୟୁର ଶିକାର ହୋଇଛି। ଇସ୍ରାଏଲ ସମସ୍ତ ମାନବିକତାକୁ ଜଳାଞ୍ଜଳି ଦେଇ ଆତଙ୍କବାଦୀଙ୍କ ଉପରେ ଯେଉଁ ଆକ୍ରମଣ ଜାରି ରଖିଛି, ତାହା ନରସଂହାର ବ୍ୟତୀତ ଅନ୍ୟ କିଛି ନୁହେଁ। କିଛି ନୁହେଁ। ଏପରି ସ୍ଥଳେ ଯୁଦ୍ଧ ବନ୍ଦ ଲାଗି ପ୍ରସ୍ତାବରେ ଭାରତ ସାମିଲ ନହେବା ବୁଦ୍ଧ, ଗାନ୍ଧିଙ୍କ ଅହିଂସା ମନ୍ତ୍ର ପ୍ରତି ଅବମାନନା ବୋଲି କୁହାଯାଇପାରେ। ସ୍ମରଣ କରାଯାଇପାରେ ଯେ, ଜାତିସଂଘ ସାଧାରଣ ପରିଷଦର ୧୯୩ଟି ରାଷ୍ଟ୍ରମଧ୍ୟରୁ ତୁରନ୍ତ ଯୁଦ୍ଧ ବନ୍ଦ ସପକ୍ଷରେ ୧୨୦ଟି ରାଷ୍ଟ୍ର ମତ ଦେଇଥିବାବେଳେ ୪୫ଟି ରାଷ୍ଟ୍ର ମତଦାନରୁ ବିରତ ରହିଥିଲେ ଏବଂ ୧୪ଟି ରାଷ୍ଟ୍ର ପ୍ରସ୍ତାବ ବିରୁଦ୍ଧରେ ମତ ଦେଇଥିଲେ। ଆମେରିକା, ବ୍ରିଟେନ, ଫ୍ରାନସ, ଅଷ୍ଟ୍ରେଲିଆ ଆଦି ୧୪ରାଷ୍ଟ୍ର ପ୍ରସ୍ତାବକୁ ବିରୋଧ କରିଥିବାବେଳେ ରୁଷ, ଚୀନ ସମେତ ମୁସଲିମ୍ ରାଷ୍ଟ୍ରଗୁଡିକ ଯୁଦ୍ଧ ବନ୍ଦ ସପକ୍ଷରେ ମତ ଦେଇଥିଲେ। ଏହା ହୁଏତ ଅଯଥାର୍ଥ ହେବ ନାହିଁ ଯେ, ଇସ୍ରାଏଲ-ପାଲେଷ୍ଟାଇନ ବିବାଦ ଏବେ ଧର୍ମଗତ ବିବାଦରେ ପରିଣତ ହୋଇଛି। ପାଲେଷ୍ଟାଇନକୁ ମୁସଲିମ୍ ରାଷ୍ଟ୍ରଗୁଡିକ ସମର୍ଥନ କରିଥିବା ବେଳେ ଇସ୍ରାଏଲକୁ ଖ୍ରୀଷ୍ଟିଆନ ବହୁ, ରାଷ୍ଟ୍ରଗୁଡିକ ସମର୍ଥନ କରିଛନ୍ତି। ଇହୁଦି ସଂପ୍ରଦାୟ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାବେଳେ ଖ୍ରୀଷ୍ଟିଆନ ସଂପ୍ରଦାୟରେ ସେମାନେ ବାଛବିଚାର ବା ଅଛୁଆଁ ଭାବର ଶିକାର ହୋଇ ଆସିଛନ୍ତି। ନିଜସ୍ୱ ପରିଚୟ ସୃଷ୍ଟି ଲକ୍ଷ୍ୟରେ ୧୯୪୮ ମସିହାରେ ଇହୁଦିମାନେ ନିଜସ୍ୱ ଇସ୍ରାଏଲ ରାଷ୍ଟ୍ର ଗଠନ କରିବା ପରେ ପାଲେଷ୍ଟାଇନ ସହ ବିବାଦ ଲାଗି ରହିଛି। ଇସ୍ରାଏଲ ଏବେ ଜାତିସଂଘର ଯୁଦ୍ଧ ବନ୍ଦ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ସହ ପ୍ରସ୍ତାବ ଗୃହୀତ ହୋଇଥିବା ଅକ୍ଟୋବର ୨୬କୁ କଳା ଦିବସ ଭାବେ ବର୍ଣ୍ଣନା କରିଛି। ଯୁଦ୍ଧ ଆଜି ୨୮ ଦିନରେ ପହଁଚିଥିବା ବେଳେ ୯୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଲାଣି। ବୋମା, ରକେଟ ମାଡରେ ହଜାର ହଜାର ଅଟ୍ଟାଳିକା ଧୂଳିସାତ ହୋଇଛି। ଖାଦ୍ୟ, ପାନୀୟ, ଔଷଧ ଅଭାବରୁ ଲକ୍ଷ ଲକ୍ଷ ଲୋକ କ୍ଷୁଧା ଓ ରୋଗ ଜ୍ୱାଳାରେ ଛଟପଟ ହେଉଛନ୍ତି। ଏପରି ସ୍ଥଳେ ଜାତିସଂଘ ଏବେ ଅସହାୟ ହୋଇପଡିଛି। କେବଳ ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ ନୁହେଁ, ଦୀର୍ଘ ୨୦ମାସ ଧରି ଲାଗିଥିବା ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ଜାତିସଂଘ ବିଫଳ ହୋଇଛି। ଯେଉଁ ମହତ ଉଦ୍ଦେଶ୍ୟରେ ୧୯୪୫ ମସିହାରେ ମିଳିତ ଜାତିସଂଘ ଗଠିତ ହୋଇଥିଲା, ଏବେ କେବଳ ଲକ୍ଷ୍ୟ ହରା ହୋଇ ନାହିଁ, ନିଜର ସ୍ଥିତି ହରାଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ତେବେ ଇସ୍ରାଏଲକୁ ମନେ ରଖିବାକୁ ହେବ ଯେ, ଗାଜାରେ ଯେପରି ଦୈନିକ ହଜାର ହଜାର ଲୋକଙ୍କ ଜୀବନ ଯାଉଛି, ତାହା ଯଦି ଅବ୍ୟାହତ ରହେ, ତେବେ ପ୍ରାଥମିକ ଅବସ୍ଥାରୁ ପାଇଥିବା ସମର୍ଥନ କ୍ରମଶଃ ହରାଇ ବସିବ। କେବଳ ଏତିକ ନୁହେଁ, ଯଦି ଇସ୍ରାଏଲର ଗାଜା ଦହନ ଅବ୍ୟାହତ ରହେ, ତେବେ ଏହା ବିଶ୍ୱରେ ସ୍ଥିରତା, ପ୍ରଗତୀ ପ୍ରତି ଗୁରୁଧମକ ସୃଷ୍ଟି କରିବା ଆଶଙ୍କାକୁ ଏଡାଇ ଦେଇ ସେହିପରି ଆତଙ୍କବାଦ ବିରୁଦ୍ଧରେ ବିଶ୍ୱର ମିଳିତ ଲଢେଇ କଦାପି ସଫଳତା ହାସଲ କରିପାରିବ ନାହିଁ। ଯଦି ଆତଙ୍କବାଦ ଦ୍ୱାରା ରାଷ୍ଟ୍ରଗୁଡିକ ନିଶାଣ ହୁଅନ୍ତି, ତେବେ ଭବିଷ୍ୟତରେ ବିଶ୍ୱରେ ନୂଆ ନୂଆ ଆତଙ୍କବାଦ ସଂଗଠନ ଜନ୍ମନେବା ନିଶ୍ଚିତ। ଏପରି ସ୍ଥଳେ ବୁଦ୍ଧି, ଗାନ୍ଧିଙ୍କ ଅହିଂସାବାଣୀ, ଅହିଂସାମାର୍ଗ ଗୁରୁତ୍ୱ ବହନ କରେ। ଇସ୍ରାଏଲ ବିଶ୍ୱର ମଙ୍ଗଳ ପାଇଁ ତୁରନ୍ତ ଯୁଦ୍ଧ ବନ୍ଦ କରିବା ଜରୁରୀ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯




## ହେବି ମୁଁ ଗଙ୍ଗଶିଉଳି

### ଶାନ୍ତିଲତା ପଣ୍ଡା

କ୍ଷଣ ଭଙ୍ଗୁର ଏ ଦୁନିଆ ହାଟରେ
ସଭିଏଁ କ୍ଷଣିକ ମାତ୍ର
ଆଜି ଯା ପାଶରେ ସୁଖ ଢେଉ
ଭାଙ୍ଗେ
କାଲିକି ଶୂନ୍ୟ ତା ପାତ୍ର

ଆଜି ଯାହା ଅଛି କାଲିକି ନ ଥିବ
ଏତ ବିଧିର ବିଧାନ
ଏକମାତ୍ର କର୍ମ ଜୀଇ ରହିଥାଏ
କରୁଥାଏ ଗୁଣଗାନ
ସୁଖର ଦୁଃଖର ଛାଇ ଆଲୁଅର
ଜୀବନର ଗତିପଥ
ଉତ୍ଥାନ ପତନ ଜୀବନ ବାଟରେ
ଫୁଲ ପୁଣି କଣ୍ଟକିତ

ଯାମିନୀ ସଙ୍ଗିନୀ ଗଙ୍ଗଶିଉଳି ତ
ହସୁଥାଏ ଅନ୍ଧକାରେ
ସୂରୁଯ ଦେବତା ଆକାଶେ ଉଇଁଲେ
ବିଚରା ମାଟିରେ ଝରେ
ଆୟୁଷ ଅଳପ ବାସତା ବହୁତ
କିଣିନିଏ ଜନମନ

ଦୁଃଖକୁ ଆଦରି ସୁଗୁଣ ଦେଖାଇ
ହୋଇଥାଏ ମହୀୟାନ
ରଙ୍ଗରୂପ ତାର ଦେଖି ହୁଏ ନାହିଁ
ଦେଖାଏ ମଉଳା ମୁହଁ
ଦରଦୀ ମନର କୃଷ୍ଣଚୂଡ଼ା ହସ
ବିରହ ପ୍ରାଣର ମୋହ
ଗହନ ବନର ସୁନ୍ଦରୀ ପ୍ରେୟସୀ
ସୁଖର ଦୁଃଖର ମହୁ

ସବୁକୁ ଆଦରି ଗୁଣତା ବିକାଶେ
ଢାଳେ ନା କେବେ ତ ଲହୁ
ନୀରବତା ଏକ ମହତ ପଣିଆ
ରଜନୀ ଦେଇଛି ଶିକ୍ଷା
ମହତ ଜନଙ୍କ ଏ ମୁଖ ନିଃସୃତ
ଜୀବନେ କରିବା ଦୀକ୍ଷା

ଦେଖିନାହିଁ ସ୍ୱପ୍ନ ବଡ଼ ହେବାପାଇଁ
ହେବି ମୁଁ ଗଙ୍ଗଶିଉଳି
ଭଲ କାମେ ସଦା ସମର୍ପି ନିଜକୁ
ମନପ୍ରାଣ ଦେବି ଢାଳି

ଜୀବନ ମୋହର ହୋଇବ ସାର୍ଥକ
ଏତିକି ମୋ ନିବେଦନ
ଭରିଦିଅ ମନେ ସାହସ ଶକତି
ଆହେ ପ୍ରଭୁ ଭଗବାନ

କଲ୍ୟାଣନଗର, ବାଲେଶ୍ୱର

## କ'ଣ ହେଲା କି ?

### ନିରଞ୍ଜନ ସାହୁ

ନିଜକୁ ପଚାର ଉତ୍ତର ମିଳିବ
ସବୁ ତ ତୁମକୁ ଜଣା
କାଲି ଚାଲୁଥିଲ ସଠିକ ରାସ୍ତାରେ
ଆଜି କିମ୍ପା ବାଟବଣା ?
ନିଜର ଆଖିକୁ ଆଙ୍ଗୁଠି ଦେଖାଅ
ପରକୁ ଦିଅନା ଦୋଷ
ଆପଣା ହସ୍ତରେ ଜିହ୍ୱା ଛେଦି ଦେଇ
ପର ଠାରେ କିମ୍ପା ରୋଷ
ଏମିତି ହୋଇଲେ ଏହି ଦୁନିଆରେ
କେଉଁଥିରେ ହେବ ଗଣା ?
କାଲି ଦୁନିଆକୁ ବେଖାତିର କରି
ତୁମେ ଚାଲୁଥିଲ ବାଟ
ଆଜି କାହିଁପାଇଁ ତୁମରି ପିଠିରେ
ବାଜୁଛି ସମୟ ଛାଟ
କାଲି ରହିଥିଲା ତୁମ ଆଖି ଭଲ
ଆଜି କ'ଣ ହେଲା କଣା ?
ଅଧିକ ଚତୁର ବୋଲାଇ ନିଜକୁ
ପାଇଅଛି ଯେଉଁ ଫଳ
ସେଥିରୁ ତ କେହି
ଭାଗ ନେବେ ନାହିଁ
ଦିଶୁଅଛି ଜଳଜଳ
ତୁମ କର୍ମ ପାଇଁ ଆଉ କିଏ କାହିଁ
ବେଠିରେ ପେଲିବ ଘଣା ?

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଭକ୍ତ ପ୍ରାଣଧନ

### ଜଗଦୀଶ ସାହୁ

ଆଉ କେତେ ଦୁଃଖ ଦେଲେ ପଦ୍ମମୁଖ
ବୁଝିବ ତୁମରି ମନ
ବଂଚିଛି କେବଳ ଅଛି ଆୟୁବଳ
ଯାହା ଅଟେ ତୁମ ଦାନ !
ଇଛାରେ ତୁମର ରୋଗ କଲା ଘର
ଏଇ ଶରୀରରେ ମୋର
କଲବଲ ହେଲି ବଂଚିଥାଇ ମଲି
ନାମ ଜପି ଜପି ତୋର
କେଉଁ ଦୋଷ ପାଇଁ ଦଣ୍ଡୁଛ ଗୋସାଇଁ
ହୋଇ ଭକ୍ତ ପ୍ରାଣଧନ !
ଧନ ଯଉବନ ପୁତ୍ର ପରିଜନ
ଥାଇ ଲାଭନାହିଁ କିଛି
କିଛି ବି ନଥାଉ ଦେହ ଭଲଥାଉ
ସେଇଥିରେ ସୁଖଅଛି
ମନ କଥା ମୋର କାଳିଆ ଠାକୁର
ବୁଝିଲେ ହେବି ମୁଁ ଧନ୍ୟ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

## ଜୀବନ

### ବାସନ୍ତୀ ମହାନନ୍ଦ



ଜୀବ ମଧ୍ୟେ ଜୀବନ ନା
ଶ୍ୱାସ ମଧ୍ୟେ ଜୀବନ !
ଜୀବନ !
ଅଦୃଶ୍ୟ ଶ୍ୱାସର ସ୍ପନ୍ଦନ ନା
ରକ୍ତ ବାହିକାର ସ୍ଥୁଳ ପ୍ରାଣ
ଜୀବନ !
ମୃତ୍ୟୁ ଅଜୟର ଅନ୍ୟ ନାମ ନା
ଜୀବ ବିଜୟର ଅନ୍ୟ ନାମ
ଜୀବନ !
ଭିତି ଅନୁଭୂତି ଭାବନାର ସମ୍ମିଶ୍ରଣ ନା
ଚିତା ଚେତନାର ବର୍ଣ୍ଣନ
ଜୀବନ !
ଛାୟା ମାୟା ଅଭିନୟର
ମୋହ ଗୁଣ ନା
ସ୍ୱପ୍ନ, ସ୍ୱପ୍ନର
ଚୁନା ପଣ ଜୀବନ !
ଦୁଃଖ ଦରିଆର ନଈ ମୁହାଣ ନା
କଷ୍ଟ ଲହରୀର
ଗୁଞ୍ଜନ ଜୀବନ !
ହସ ଖୁସି ଭୋଗିବାର ସୁଖ ଚିହ୍ନ ନା
ଅଶ୍ରୁ ଭିଜା ଦୁଃଖର
ଦାନ ଜୀବନ !
ଲକ୍ଷ୍ୟ ପାଇବାର ଅନୁଧାନ ନା
ହରେଇ ବସିବା
ସମର୍ପଣ ଜୀବନ !
କି ଲକ୍ଷ କି ସ୍ୱପ୍ନ କେବଳ
ଶୂନ୍ୟତାର ଆଗମନ ନା
ପୂରଣ ଧାର୍ଯ୍ୟର
ଗମନ ଜୀବନ !
ସୁଖ ଦୁଃଖର ପଦ୍ୟ ପୁରାଣ ନା
ଚେତା ଚିନ୍ତନର
ବନ୍ଦନ ଜୀବନ !
ତୁ ଉଚିତ୍ ମାର୍ଗର ଶିକ୍ଷଣ ନା
ଉଚିତ୍ ଶିକ୍ଷାର
ଶିକ୍ଷଣ ଜୀବନ !
ଜୀବନ ତୁ ମହାନ ଠୁଁ ମହାନ ନା
ଜୀବ ସୃଷ୍ଟିରେ
ମହି ପ୍ରାଣ ଜୀବନ !

+ମୁରିବାହାଲ, ବଲାଙ୍ଗୀର

# ଛୋଟ ପରଦାରୁ ଅଭିଯାନ ଆରମ୍ଭ କରିବେ ରିଦ୍ଧିମା କପୁର ସାହନି




ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁରଙ୍କ ଭଉଣୀ ରିଦ୍ଧିମା କପୁର ସାହନି ଅଭିନୟ ଦୁନିଆକୁ ପ୍ରବେଶ କରିବେ ବୋଲି ଜଣାପଡ଼ିଛି। ତେବେ ସେ ତାଙ୍କ ଅଭିଯାନ ଛୋଟ ପରଦାରୁ ଆରମ୍ଭ କରିବେ। ନେଟଫ୍ଲିକ୍ସର ବାସ୍ତବଧର୍ମୀ ଧାରାବାହିକ 'ଦି ଫାବୁଲସ୍ ଲାଇଭ୍‌ସ ଅଫ୍ ବଲିଉଡ୍ ୱାଇଭ୍‌ସ'ର ଆଗାମୀ ସିଜନ୍ ପାଇଁ ରିଦ୍ଧିମା ଅଭିନୟ କରିବାକୁ ସବୁଜ ସଂକେତ ଦେଇଛନ୍ତି ଏବଂ ସେଥିଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଖ୍ୟାତ ସିନେନିର୍ମାତା ତଥା ପ୍ରଯୋଜକ କରନ ଜୋହର ପ୍ରଯୋଜିତ 'ଦି ଫାବୁଲସ୍...'ରେ ଚାରିଜଣ ଗ୍ଲାମରସ୍ ବନ୍ଧୁଙ୍କ ଜୀବନ ପ୍ରଦର୍ଶିତ ହୋଇଛି ଯେଉଁଥିରେ ସେମାନେ ବନ୍ଧୁତା, ପରିବାର ଓ କ୍ୟାରିଅରର ଜଟିଳତା ଦେଇ ଯାତ୍ରା କରୁଛନ୍ତି। ଏହି ଧାରାବାହିକର ପୂର୍ବ ଦୁଇଟି ସିଜନ୍‌ରେ ନୀଲମ୍ କୋଠାରି, ମହୀପ କପୁର, ଭାବନା ପାଣ୍ଡେ ଓ ସୀମା ସଜଦେହଙ୍କ ଭଳି କଳାକାର ଅଭିନୟ କରି ଦର୍ଶକଙ୍କୁ ସେମାନଙ୍କ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନର ଏକ ସ୍ୱତନ୍ତ୍ର ଚିତ୍ର ପ୍ରଦାନ କରିଥିଲେ। ଏଥର ରିଦ୍ଧିମାଙ୍କ ସହ ଅନ୍ୟ ଦୁଇ ଜଣ ଦକ୍ଷ ମହିଳା ଉଦ୍ୟୋଗୀଙ୍କୁ ସ୍ୱାଗତ କରିବା ପାଇଁ ଧାରାବାହିକ ପ୍ରସ୍ତୁତ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଏହି ବହୁ ପ୍ରତୀକ୍ଷିତ ସିଜନ୍‌ରେ ଶାଳିନୀ ପାଷି ଓ କଲ୍ୟାଣୀ ଶାହ ଚାବାଲାଙ୍କ ସହ ରିଦ୍ଧିମା ଯୋଗଦେବେ। ଏହି ଅବସରରେ 'ଦି ଫାବୁଲସ୍....'ର କାହାଣୀ ମୁମ୍ବାଇରୁ ଦିଲ୍ଲୀକୁ ଯାତ୍ରା କରିବ। ସେମାନଙ୍କ ମଧ୍ୟରୁ ଶାଳିନୀ ପାଷି ଜଣେ କଳା ଓ ଡିଜାଇନ୍ ସଂଗ୍ରାହିକା। ଅଭିନେତା ଶାହରୁଖ ଖାଁ ଓ ଗୌରୀ ଖାଁଙ୍କ ସହ ତାଙ୍କର ଘନିଷ୍ଠତା ରହିଛି। ସେହିପରି କଲ୍ୟାଣୀ ଶାହ ହେଉଛନ୍ତି ଏକ ବିଳାସପୂର୍ଣ୍ଣ ଗୃହସଜ୍ଜା କମ୍ପାନିର ପ୍ରତିଷ୍ଠାତ୍ରୀ ଓ ସିଇଓ। କରନ ଜୋହରଙ୍କ ସହ ଏହି ତିନି ଜଣଙ୍କର ଭଲ ସମ୍ପର୍କ ରହିଛି ଏବଂ ସେମାନେ ତାଙ୍କ ସୋ'ରେ ସାମିଲ ହେବା ପାଇଁ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି।

# ଏହି କାରଣରୁ ହୋଇପାରୁ ନାହିଁ ପ୍ରଭାସଙ୍କ ବିବାହ



ସିନେମା 'ବାହୁବଳୀ' ଜରିଆରେ ପ୍ରଭାସ ଏକ ବଡ଼ ସଫଳତା ପାଇଥିଲେ। ଅଭିନେତା କିଛିଦିନ ହେବ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ସାଲାର'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଗତମାସରେ ପ୍ରଭାସ ତାଙ୍କ ୪୪ତମ ଜନ୍ମଦିନ ପାଳନ କରିଛନ୍ତି। ଏହି କ୍ରମରେ ପ୍ରଭାସ କେବେ ବିବାହ କରିବେ ସେନେଇ ତାଙ୍କ ଫ୍ୟାନ୍ସମାନେ ଅପେକ୍ଷା କରି ରହିଛନ୍ତି। କେବଳ ଫ୍ୟାନ୍ସଙ୍କୁ ନୁହେଁ ପ୍ରଭାସ ତଥା ଅଭିନେତାଙ୍କ ପରିବାର ବି ବିବାହ ପାଇଁ ଇଚ୍ଛୁକ ଥିବା ଜଣାପଡ଼ିଛି। ସିନେମା 'ବାହୁବଳୀ' ପରେ ପ୍ରଭାସ ଓ ଅନୁଷ୍କା ଶର୍ମାଙ୍କ ଆଫେୟର ଓ ଡେଟିଂ ଖବର ବହୁତ ଭାଇରାଲ ହୋଇଥିଲା। ନିକଟରେ ଖବର ଆସିଥିଲା କି ଦୁହେଁ ବିବାହ କରିବାକୁ ବି ଯାଉଛନ୍ତି କିନ୍ତୁ ସମ୍ପ୍ରତି ଖବର ଆସିଛି କି ପ୍ରଭାସ ଏବେ ଏକା ଅଛନ୍ତି। ସେ ଅନୁଷ୍କାଙ୍କୁ ଡେଟ କରୁ ନାହାନ୍ତି। ପ୍ରକାଶିତ ରିପୋର୍ଟ ମୁତାବକ, ପ୍ରଭାସଙ୍କ ପରିବାରଲୋକ ଚାହୁଁଛନ୍ତି କି ଅଭିନେତା ଅନୁଷ୍କାଙ୍କୁ ବିବାହ କରନ୍ତୁ। କିନ୍ତୁ ପ୍ରଭାସ ଓ ଅନୁଷ୍କା ବିବାହ କରିବାକୁ ରାଜି ନାହାନ୍ତି। ଦୁହେଁ ସେମାନଙ୍କ ସମ୍ପର୍କ ବନ୍ଧୁତାରେ ହିଁ ଅତୁଟ ରଖିବାକୁ ଚାହାଁନ୍ତି। ତେବେ ପ୍ରଭାସଙ୍କ ବିବାହକୁ ନେଇ ପରିବାରଲୋକ କହିଛନ୍ତି, 'ପୁଅ ବେଶୀଲୋକଙ୍କ ସହ ମିଶାମିଶି କରେ ନାହିଁ। ସିନେମା ସୁଟିଂରେ ବାହାରକୁ ଯାଉଥିବା ବେଳେ ସେ ସେଟରେ ହିଁ ବସି ରହେ। ଅଭିନୟ ପାଇଁ ଯେତିକି ଆବଶ୍ୟକ ସେତିକି ହିଁ କଥା ହୁଏ। ନଚେତ ଅଧିକାଂଶ ସମୟ ଚୁପ ରୁହେ। ଯେଉଁ କାରଣରୁ ତାଙ୍କ ବିବାହ ପାଇଁ ସମସ୍ୟା ହେଉଛି। ଆମକୁ ପ୍ରଭାସଙ୍କ ବିବାହ ପାଇଁ ଚିନ୍ତା ହେଉଛି। ଯେତେଶୀଘ୍ର ତାର ବିବାହ ହୋଇଯିବ ଆମକୁ ଶାନ୍ତି ମିଳିବ। ଆଉ ସେ ତା'ର ଜୀବନରେ ଆଗକୁ ବଢ଼ିବ। କାରଣ ଦିନକୁ ଦିନ ଆମର ବି ବୟସ ବଢୁଛି। କେତେବେଳେ କ'ଣ ହେବ ତାହା କହି ହେବନାହିଁ। ବନ୍ଧୁବାନ୍ଧବ ବି ପ୍ରଭାସଙ୍କ ବିବାହ କଥା ବାରମ୍ବାର ପଚାରୁଛନ୍ତି। ଯାହାକି ଖରାପ ଲାଗୁଛି। '

# ଶାହରୁଖଙ୍କ ନାଁ ବଦଳାଇ 'ଅଭିନବ' ରଖିବାକୁ ଚାହୁଁଥିଲେ ଗୌରୀ



ବଲିଉଡର କିଙ୍ଗ ଖାନ୍ ଶାହରୁଖ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସେ ହେଉଛନ୍ତି ବାଦ୍‌ଶାହ। ତାଙ୍କର କ୍ରେଜ କାହିଁରେ କେତେ। ବହୁ ବର୍ଷ ଧରି ବଲିଉଡରେ ଶାହରୁଖଙ୍କ ରହିଛି ଦବଦବା। ସେ ବି-ଟାଉନ୍‌ରେ ଯେତେକି ଫେମସ୍ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ସେତିକି ସକ୍ରିୟ। ଶାହରୁଖ ଓ ତାଙ୍କ ପତ୍ନୀ ଗୌରୀ ଖାନ୍ ହେଉଛନ୍ତି ବଲିଉଡର ପାୱର କପଲ। ଦେଶ ବିଦେଶରେ ଶାହରୁଖଙ୍କ ନାଁର କ୍ରେଜ ଥିବା ବେଳେ ଏହି ନାଁକୁ କିନ୍ତୁ ବଦଳାଇବାକୁ ଚାହିଁଥିଲେ ପତ୍ନୀ ଗୌରୀ। ତିନି ଦଶକ ପୂର୍ବରୁ ଶାହରୁଖ ଓ ଗୌରୀ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ଏହି ବିବାହକୁ ନେଇ ଖୁସି ନଥିଲେ ଗୌରୀଙ୍କ ବାପା-ମା'। ଶାହରୁଖଙ୍କ ସହ ତାଙ୍କ ବିବାହ ହେଉ ବୋଲି ସେମାନେ ରାଜି ନଥିଲେ। ୧୯୪୮ ମସିହାରେ ପ୍ରଥମେ ଗୌରୀଙ୍କୁ ଦେଖିଲେ ଶାହରୁଖ। ତେବେ ପ୍ରଥମ ଦେଖାରେ ହିଁ ସେ ଗୌରୀଙ୍କ ପ୍ରେମରେ ପଡିଯାଇଥିଲେ। ଉଭୟ ପରସ୍ପର ସହ ୬ ବର୍ଷ ଡେଟିଂ କରିବା ପରେ ବିବାହ କରିଥିଲେ। ତେବେ ବିବାହ କରିବା ଉଭୟଙ୍କ ପାଇଁ ଏତେ ସହଜ ନଥିଲା। ଉଭୟ ଭିନ୍ନ ଧର୍ମର ହୋଇଥିବାରୁ ତାଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏନେଇ ଖୋଦ୍ ୨୦୦୮ରେ ଦେଇଥିବା ଏକ ସାକ୍ଷାତକାରରେ ଖୁଲାସା କରିଥିଲେ ଗୌରୀ ଖାନ୍।

ଶାହରୁଖ ଖାନ୍ ମୁସଲିମ୍ ଧର୍ମର ହୋଇଥିବା ବେଳେ ସେ ଫିଲ୍ମ ଇଣ୍ଡଷ୍ଟ୍ରୀରେ ନିଜ କ୍ୟାରିୟର କରିବାକୁ ଚାହୁଁଥିଲେ। ଏହା ଗୌରୀଙ୍କ ବାପା-ମା'ଙ୍କୁ ପସନ୍ଦ ନଥିଲା। ସେ ତାଙ୍କୁ ଗ୍ରହଣ କରିବାକୁ ରାଜି ନଥିଲେ। ଏଭଳି ସ୍ଥିତିରେ ଶାହରୁଖଙ୍କ ନାଁ ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ ଗୌରୀ। ତାଙ୍କ ନାଁ ବଦଳାଇ 'ଅଭିନବ' ରଖିବାକୁ ଗୌରୀ ଚାହିଁଥିଲେ। ଏଭଳି କିରିବା ଦ୍ୱାରା ଶାହରୁଖ ଜଣେ ହିନ୍ଦୁ ବୋଲି ତାଙ୍କ ପରିବାର ବିଶ୍ୱାସ କରିବେ ଗୌରୀ ଆଶା କରିଥିଲେ। କିନ୍ତୁ ପରେ ସେ ନିଜର ଏହି ନିଷ୍ପତ୍ତିକୁ ବଦଳାଇ ନେଇଥିଲେ। ଗୌରୀ ଓ ଶାହରୁଖ ଖାନ୍ ଥରେ ନୁହେଁ ତିନି ଥର ବିବାହ କରିଛନ୍ତି। ଶାହରୁଖ ଓ ଗୌରୀ ପ୍ରଥମେ କୋର୍ଟ ମ୍ୟାରେଜ କରିଥିଲେ। ଏହାପରେ ୧୯୯୧ ଅଗଷ୍ଟ ୨୬ରେ ଉଭୟ ମୁସଲିମ୍ ଧର୍ମ ଅନୁଯାୟୀ ନିକାହା ପଢ଼ିଥିଲେ। ପରେ ସେହି ବର୍ଷ ଅକ୍ଟୋବର ୨୫ ତାରିଖରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ ବଲିଉଡର ଏହି ଦମ୍‌ଦାର ଦମ୍ପତି।

# ସାମ୍ନାକୁ ଆସିଲା ବରୁଣ-ଲାବନ୍ୟାଙ୍କ ବିବାହର ପ୍ରଥମ ଝଲକ

ଦକ୍ଷିଣ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଦମ୍ପତି ବରୁଣ ତେଜ ଏବଂ ଲାବନ୍ୟା । ଦୁହେଁ ୧ ନଭେମ୍ବରରେ ଇଟାଲିରେ ବିବାହ କରିଥିଲେ। ବିବାହରେ ପରିବାର ଏବଂ ଘନିଷ୍ଠ ବନ୍ଧୁ କେବଳ ଉପସ୍ଥିତି ଥିଲେ । ଇଟାଲୀର ବୋର୍ଗୋ ସେନ୍ ଫେଲିସରେ ହିନ୍ଦୁ ରୀତିନୀତି ଅନୁଯାୟୀ ସାତଫେରା ନେଇଥିଲେ। ଦକ୍ଷିଣ ସୁପରଷ୍ଟାର ରାମ ଚରଣ ଏବଂ ଅଲୁ ଅର୍ଜୁନ ମଧ୍ୟ ଏହି ବିବାହରେ ଯୋଗ ଦେଇଥିଲେ। ଏବେ ଏହି ନୂଆ କପଲଙ୍କ ବିବାହର ପ୍ରଥମ ଫଟୋ ସାମ୍ନାକୁ ଆସିଛି। ତେଲୁଗୁ ଅଭିନେତା ତଥା ନିର୍ମାତା ନାଗା ବାବୁ କୋନିଡେଲା ବରୁଣ ତେଜ ଏବଂ ଲାବନ୍ୟାଙ୍କ ବିବାହର ପ୍ରଥମ ଫଟୋ ସେୟାର କରିଛନ୍ତି। ସେ ଲେଖିଛନ୍ତି ଯେ ନବ ବିବାହିତ ଦମ୍ପତି ବରୁଣ ତେଜ ଏବଂ ଲାବନ୍ୟା ପାଇଁ ତୁମର ଆଶୀର୍ବାଦ ଦରକାର। ତାଙ୍କର ଏହି ବିଶେଷ ଦିନରେ ବରୁଣ ଏମ୍ବ୍ରୋଡୋରୀ ଶେରୱାନି ସହିତ ଲାବନ୍ୟା ଲାଲ୍ ଶାଢୀ ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ବରୁଣ ତେଜ ସୋସିଆଲ ମିଡିଆରେ ତାଙ୍କ ବିବାହର ଅନେକ ଫଟୋ ମଧ୍ୟ ସେୟାର କରିଛନ୍ତି। ଫଟୋ ଗୁଡ଼ିକରେ ବର ଏବଂ ବର କ୍ୟାମେରା ପାଇଁ ଅନେକ ପୋଜ୍ ଦେଉଥିବାର ନଜର ଆସିଛନ୍ତି । ଏହା ସହ କ୍ୟାପସନ୍‌ରେ ବରୁଣ ଲେଖିଛନ୍ତି ମାଇଁ ଲଭ୍ । ଏହାପୂର୍ବରୁ ମେହେନ୍ଦିର ଫଟୋ ଦେଖିବାକୁ ମିଳିଥିଲା । କୁହାଯାଉଛି ଯେ ବରୁଣ ଦୁଇଟି ରିସେପ୍ସନ୍ ଆୟୋଜନ କରିବାକୁ ଯୋଜନା କରୁଛନ୍ତି । ଗୋଟିଏ ହାଇଦ୍ରାବାଦରେ ଏବଂ ଅନ୍ୟଟି ଦେହରାଡୁନରେ। କହିବାକୁ ଗଲେ ଯେ ବରୁଣ ତେଜ ହେଉଛନ୍ତି ଭେଟେରାନ ଅଭିନେତା ଚିରଞ୍ଜୀବୀ ଏବଂ ପୱନ କଲ୍ୟାଣଙ୍କ ପୁତୁରା। ଅଭିନେତା ରାମ ଚରଣ, ଅଲୁ ଅର୍ଜୁନ, ଅଲୁ ସିରିଶ, ସାଇ ତେଜ ଏବଂ ପାଞ୍ଜା ବୈଷ୍ଣବ ତେଜ ତାଙ୍କର ସମସ୍ତ ସମ୍ପର୍କୀୟ । ସମସ୍ତେ ବରୁଣ ଏବଂ ଲାବନ୍ୟାଙ୍କ ବିବାହ ଉତ୍ସବରେ ଯୋଗ ଦେଇଥିଲେ। ନବ ବିବାହିତ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇ ଚିରଞ୍ଜୀବୀ ମଧ୍ୟ ବିବାହର ଏକ ଫଟୋ ସେୟାର କରିଛନ୍ତି।





# ଗର୍ଲଫ୍ରେଣ୍ଡ ସାରା ତେନ୍ଦୁଲକରଙ୍କ ସହ ନଜର ଆସିଲେ ଶୁବମନ: ୟୁଜର୍ସ କହିଲେ-ଏଥର କନଫର୍ମ



ଭାରତୀୟ କ୍ରିକେଟର ଶୁବମନ ଗିଲ। କେବଳ ସେ ତାଙ୍କ ଖେଳ ପାଇଁ ନୁହେଁ ବରଂ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଅନେକ ଥର ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ନାମ ସାରା ତେନ୍ଦୁଲକରଙ୍କ ସହ ଜଡିତ ହୋଇଛି। କିନ୍ତୁ ଏହି କପଲ ସେମାନଙ୍କ ସମ୍ପର୍କକୁ କେବେ ଗ୍ରହଣ କରିନାହାଁନ୍ତି । ବର୍ତ୍ତମାନ ଏହି ରୁମର୍ଡ କପଲଙ୍କର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଯାହା ପରେ ପ୍ରଶଂସକମାନେ ପରସ୍ପରକୁ ଡେଟ୍ କରୁଛନ୍ତି ବୋଲି ନିଶ୍ଚିତ ହୋଇଛନ୍ତି । ମଙ୍ଗଳବାର ରାତିରେ ମୁମ୍ବାଇରେ ବିଳାସପୂର୍ଣ୍ଣ ମଲ୍ 'ଜିଓ ୱାର୍ଲ୍ଡ ପ୍ଲାଜା' ଲଞ୍ଚ କରାଯାଇଥିଲା। ଏହି ଲଞ୍ଚ ଇଭେଣ୍ଟରେ ସମଗ୍ର ଅମ୍ବାନୀ ପରିବାର ତଥା ସମଗ୍ର ବଲିଉଡ ଜଗତ ଦେଖିବାକୁ ମିଳିଥିଲା । କେବଳ ଏତିକି ନୁହେଁ ଏହି କାର୍ଯ୍ୟକ୍ରମରେ ବହୁ ପ୍ରସିଦ୍ଧ କ୍ରିକେଟର ମଧ୍ୟ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଶୁବମନ ଗିଲଙ୍କୁ ଦେଖିବାକୁ ମିଳିଥିଲା । ଯେଉଁଥିରେ ସେ ରୁମର୍ଡ ଗର୍ଲଫ୍ରେଣ୍ଡ ସାରା ତେନ୍ଦୁଲକରଙ୍କ ସହ ନଜର ଆସିଛନ୍ତି। ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ସାରା ତେନ୍ଦୁଲକର ଏବଂ ଶୁବମନ ଗିଲ 'ଜିଓ ୱାର୍ଲ୍ଡ ପ୍ଲାଜା'ରେ ଇଭେଣ୍ଟରୁ ବାହାରକୁ ଆସୁଥିବା ନଜର ଆସିଛନ୍ତି, କିନ୍ତୁ ବାହାରେ ଠିଆ ହୋଇଥିବା ମିଡିଆ ଉପରେ ଆଖି ପଡ଼ିବା ମାତ୍ରେ ସେମାନେ ସେଠାରେ ଅଟକି ଯାଆନ୍ତି, ଯେଉଁଥିପାଇଁ ଉଭୟ ଅଲଗା ଅଲଗା ହୋଇ ବାହାରକୁ ଯାଇଛନ୍ତି।

# ଦୀପାବଳୀରେ ଧମାକା କରିବ 'ଟାଇଗର-୩', ଏହି ଦିନଠାରୁ ବୁକିଂ ହେବ ଆଡଭାନ୍ସ ବୁକିଂ



ବଲିଉଡ୍ ଭାଇଜାନ ସଲମାନ ଖାନ । ଦୀର୍ଘ ଦିନ ପରେ ବଡ ପରଦାରେ କରିବାକୁ ଯାଉଛନ୍ତି କମ୍‌ବ୍ୟାକ୍। ଦୀପାବଳି ଅବସରରେ ତାଙ୍କ ଫିଲ୍ମ ଟାଇଗର-୩ ରିଲିଜ ହେବାକୁ ଯାଉଛି। ଦୀପାବଳିରେ ଭାଇଜାନ ଏକ ଧମାକା କରିବେ । ଖୁବ୍‌ଶୀଘ୍ର ଫିଲ୍ମର ଆଡଭାନ୍ସ ବୁକିଂ ମଧ୍ୟ ଆରମ୍ଭ ହେବାକୁ ଯାଉଛି। ତେବେ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ଅଛି। ଫିଲ୍ମର ପ୍ରଥମ ଶୋ ବିଷୟରେ ସୂଚନା ପ୍ରକାଶ ପାଇଛି। ଏହି ଚଳଚ୍ଚିତ୍ରର ପ୍ରଥମ ଶୋ ଦୀପାବଳିରେ ସକାଳ ୭ଟାରେ ରହିବ। ହଁ, ପ୍ରଶଂସକମାନେ ସକାଳ ୭ଟାରୁ ଟାଇଗର-୩ ଦେଖିପାରିବେ। ଟାଇଗର-୩ ରେ ସଲମାନ ଖାନଙ୍କ ସହ କ୍ୟାଟ୍ରିନା କୈଫ ଏବଂ ଇମ୍ରାନ ହାଶ୍ମୀ ମୁଖ୍ୟ ଭୂମିକାରେ ନଜର ଆସିବେ। ଫିଲ୍ମରେ ଭିଲେନ ଭୂମିକାରେ ଇମ୍ରାନ ହାଶ୍ମୀ ନଜର ଆସିବେ। ନକାରାତ୍ମକ ଭୂମିକାରେ ଇମ୍ରାନଙ୍କୁ ଦେଖିବାକୁ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଏନେଇ ବାଣିଜ୍ୟ ବିଶ୍ଳେଷକ ତରନ ଆଦର୍ଶ ଫିଲ୍ମର ପ୍ରଥମ ଶୋ ଏବଂ ଆଡଭାନ୍ସ ବୁକିଂ ବିଷୟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି। ସେ ଲେଖିଛନ୍ତି, ସଲମାନ ଖାନ, ଟାଇଗର-୩ ଶୋ ସକାଳ ୭ ଟାରୁ ଆରମ୍ଭ ହେବ । ୧୨ ନଭେମ୍ବର ରବିବାର ସକାଳ ୭ଟାରେ ଶୋ 'ଦେଖାଇବାକୁ ୟଶ ରାଜ ଫିଲ୍ମସ ନିଷ୍ପତ୍ତି ନେଇଛି। ଏବଂ ଆଡଭାନ୍ସ ବୁକିଂ ୫ ନଭେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ଆନ୍ତର୍ଜାତୀୟ ବଜାରରେ ଟାଇଗର ୩ ର ଆଡଭାନ୍ସ ବୁକିଂ ଆରମ୍ଭ ହୋଇଛି । ବ୍ରିଟେନ, ୟୁଏଇ ଏବଂ ଯୁକ୍ତରାଷ୍ଟ୍ରରେ ବହୁତ ଭଲ ବୁକିଂ ହୋଇସାରିଛି । ନିର୍ମାତାମାନେ ଏହାକୁ ଭାରତର ଗୋଟିଏ ଦିନ ପୂର୍ବରୁ ଆମେରିକା ଏବଂ କାନାଡାରେ ମୁକ୍ତ କରିବାକୁ ପ୍ଲାନ କରୁଛନ୍ତି।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶିବମୁନିଙ୍କର ୧୪୦ ତମ ଶୁଭ ଜନ୍ମଜୟନ୍ତୀ ପାଳନ



ରୂପସା , ୨/୧୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ ଆଦି ମୁନୀଶ୍ୱର ଯୋଗେଶ୍ୱର ସଦ୍ ଗୁରୁଦେବ ଶିବମୁନି ଜୀ ମହାରାଜଙ୍କ ର୧୪୦ ତମ ଶୁଭ ଜନ୍ମଜୟନ୍ତୀ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ ଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସତ୍ୟ ପତାକା ଉତ୍ତୋଳନ କରିଥିଲେ ଆଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ସହଦେବ ଖୁଣ୍ଟିଆ ଶିବମୁନି ଯୋଗାଶ୍ରମରୁ ଆସିଥିବା,ମୁନିରତ୍ନ ଆତ୍ମଜ୍ଞାନୀ ଯୋଗୀ ତ୍ରିଲୋଚନ ମୁନିଜୀ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ବାଖରାବାଜ ଶିବମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ।ମଞ୍ଚାସୀନ ଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ , ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ , ମୁନିରାଜ ଅମୂଲ୍ୟ ମୁନି, କଣ୍ଠଶିଳ୍ପୀ ଯୋଗଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ଯୋଗଶିକ୍ଷୟିତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ଯୋଗୀ ରମେଶ ଚନ୍ଦ୍ର ବେହେରା, ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ପ୍ରମୁଖ । ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା, ବାସନ୍ତୀ ମହାଲିକ, ସୁମତୀ ଦଳାଇ, ମୁନିମତୀ ଫୁଲମଣୀ ବେହେରା, ଯମୁନା ପାତ୍ର, ଜାହ୍ନବୀ ଗିରି, ମୁନିରାଜ ଅନାଦି ବାରିକ, ମୁନି କୁମାର ତାପସ, ମୁନିମତୀ ସୁକାନ୍ତି ବାରିକ, ଶକୁନ୍ତଳା ପରିଡ଼ା,ରୀତା ବିଶ୍ୱାଳ, ମୁନି ହରିହର ଲେଙ୍କା, ନାରାୟଣ ମହାପାତ୍ର, ମୁନିମତୀ କୈକେଇ ଜେନା, ନୀନ ସାହୁ, ଝୁନୁ ଦଳାଇ, ଉର୍ମିଳା ପଣ୍ଡା, ଗୀତା ରାଣୀ ବର, କୁନି ମଣି ବର, ପ୍ରମିଳା ବେହେରା, କୁନି ମାଝୀ, ଆରତୀ ମଣ୍ଡଳ,ପରମାନନ୍ଦ ମଣ୍ଡଳ, ମୁନି କୁମାରୀ ମିନତୀ ଦଳାଇ, ମୁନି କୁମାର ତ୍ରୀଶାନ୍, ମୁନିରାଜ ଗଉର ହରି ବାରିକ, ମୁନିମତୀ ରୀନାରାଣୀ ସରେନ୍, ମୁନି ଗଣେଶ୍ୱର, ମୁନି ଯୋଗେନ୍ଦ୍ର, ମୁନି ମତୀ ମଞ୍ଜୁଲତା ବେହେରା, ମୁନି ବିଷ୍ଣୁ ଦଳାଇ ପ୍ରମୁଖ । ଶିବମୁନି ଜୀଙ୍କ ଜନ୍ମଜୟନ୍ତୀ ସହିତ,ମୁନି ହରିହର ଲେଙ୍କା-ମୁନିରଜ୍ଞୀ ବିମଳା ଲେଙ୍କାଙ୍କ ଜ୍ୟେଷ୍ଠା ଦୁହିତା ଆୟୁଷ୍ମତୀ ମୁନିମତୀ ରୀତା ବିଶ୍ୱାଳଙ୍କର ଶୁଭ ଜନ୍ମଜୟନ୍ତୀ ଏକ ସଙ୍ଗରେ ମହା ସମାରୋହରେ ପାଳନ କରାଯାଇଥିଲା । ଶିବମୁନି ମହାରାଜଙ୍କ ତୈଳ ଚିତ୍ରରେ ଶ୍ରଦ୍ଧା ସୁମନ ସମସ୍ତେ ଅର୍ପଣ କରିବାପରେ, ସମୂହ ପ୍ରଣବ ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ,ରିତାର ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଶେଷରେ ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ପରିବେଶ ପରିବର୍ତ୍ତନ ସଂପର୍କରେ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୨/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ପରିସଂଖ୍ୟାନ କାର୍ଯ୍ୟକ୍ରମ ପରିଚାଳନା ବିଭାଗର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ପରିବେଶ ପରିବର୍ତନ ସଂପର୍କିତ ଦକ୍ଷତା ବିକାଶ କର୍ମଶାଳା ଭୁବନେଶ୍ୱରସ୍ଥ ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଆସାମ୍, ମଣିପୁର, ନାଗାଲାଣ୍ଡ, ମିଜୋରାମ୍, ତ୍ରିପୁରା, ମେଘାଳୟ, ଅରୁଣାଚଳ ପ୍ରଦେଶ ସହ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ଜୈବବିବିଧତା ବୋର୍ଡ, ଖଣି ଓ ଭୂ-ବିଜ୍ଞାନ ବିଭାଗ, ଜଳଉତ୍ସ ଏବଂ ଯୋଜନା ଓ ସଂଯୋଜନ ବିଭାଗଗୁଡ଼ିକର ୬୦ ଜଣ ଦକ୍ଷ ଓ ବରିଷ୍ଠ ଅଧିକାରୀ ଏହି କର୍ମଶାଳାରେ ଯୋଗଦେଇଥିଲେ । ଯୋଜନା ଓ ସଂଯୋଜନ ବିଭାଗର ଅବସରପ୍ରାପ୍ତ ଓଏସ୍‌ଡି ତଥା ସ୍ୱତନ୍ତ୍ର ଶାସନ ସଚିବ ଦେବେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରି ସାଂପ୍ରତିକ ପରିସ୍ଥିତିରେ ପରିବେଶର ପରିବର୍ତନ ଓ ପରିସଂଖ୍ୟାନର ଗୁରୁତ୍ୱ ଓ ଏ କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିବାବେଳେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ ସ୍ୱାଗତ ଭାଷଣ ରଖି ପରିବେଶ ଭଳି ପ୍ରାକୃତିକ ସଂପତିର ସୁରକ୍ଷା ସହ ଜନସାଧାରଣଙ୍କଠାରୁ ଆରମ୍ଭ କରି ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନମାନେ ପରିବେଶ ଶିକ୍ଷା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ନିଜର ମତବ୍ୟକ୍ତ କରିଥିଲେ । କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପରିଚାଳନା ବିଭାଗରୁ ଆସିଥିବା ଅତିରିକ୍ତ ଡେପୁଟୀ ଜେନେରାଲ୍ ଡ. ଗୀତା ସିଂ ରାଠୋର, ଡେପୁଟୀ ଜେନେରାଲ୍ ଡ. ସଂଜୟ କୁମାର, ଉପନିର୍ଦ୍ଦେଶିକା ଡ. ରୁଚି ମିଶ୍ର, ଡ. ସୁଦୀପ୍ତା ଘୋଷ ପରିସଂଖ୍ୟାନ ଅଧିକାରୀ କୂଳପ୍ରିତ୍ ସୌଖି ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନଙ୍କୁ ପରିବେଶ ପରିବର୍ତନର କାରଣ ସହ ପରିବେଶର ସୁରକ୍ଷା ଏବଂ ଏହାର ସନ୍ତୁଳନ ରକ୍ଷା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟକ୍ରମ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଅତିରିକ୍ତ ନିର୍ଦ୍ଦେଶକ ଅଜୟ କୁମାର ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ଦାଶଙ୍କ ସମେତ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସଦେଇପାଲି ନିକଟରେ ଥିବା ନୂତନ ବିସ୍ଥାପିତ କଲୋନୀ ନୂତନ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗିର, ୨/୧୧ (ନି.ପ୍ର): ଆଜି ବଲାଙ୍ଗିର ସଦେଇପାଲି ନିକଟରେ ଥିବା ନୂତନ ବିସ୍ଥାପିତ କଲୋନୀ ନୂତନ ଅଙ୍ଗନୱାଡି କେନ୍ଦ୍ର ଉଦଘାଟନ କରିଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା । ଜିଲ୍ଲାପାଳ ଏହାର ଉଦଘାଟନ କରିବା ସହ ଅଙ୍ଗନୱାଡି କର୍ମୀ ଏବଂ ସହାୟିକଙ୍କୁ ଅବସ୍ଥାପିତ ପତ୍ର ଦେଇଥିଲେ । ବିସ୍ଥାପିତ କଲୋନୀ ମାନଙ୍କରେ ଆଗାମୀ ଦୁଇ ମାସ ମଧ୍ୟରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ସ୍ଥାୟୀ ଘରେ କାର୍ଯ୍ୟକ୍ଷମ ହେବା ସହ କେନ୍ଦ୍ର ଗୁଡିକର ସମସ୍ତ ଆବଶ୍ୟକତା ପୂରଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏହା ସହ ଯେଉଁ ଅଙ୍ଗନୱାଡି କର୍ମୀ ଓ ସହାୟୀକା ଭଲ କାମ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ । ତେଣୁ ସମସ୍ତେ ଭଲ କାମ କରିବା ସହ କଲୋନୀ କୁ ଆଦର୍ଶ ରୂପେ ଗଢି ତୋଳିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଲୋୟୋର ସୁକତେଲ ବିସ୍ଥାପିତ କଲୋନୀରେ ସ୍ଥାୟୀ ପାଣି ଯୋଗାଣ ଡିସେମ୍ବର ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ । ରାସନ, ଭୋଟର କାର୍ଡ ଆଦି କୌଣସି ଅସୁବିଧା ସାମ୍ନା କଲେ କଲୋନୀବାସୀ ସ୍ଥାନୀୟ ବିଡିଓ ଙ୍କୁ ଜଣେଇବାକୁ କହିଥିଲେ । ଏହାର ତୁରନ୍ତ ପ୍ରତିକାର କରାଯିବାକୁ ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ କହିଥିଲେ । ୧୫ଟି ଅଙ୍ଗନୱାଡିରେ ୩୦ ଜଣଙ୍କୁ ଏହି ନିଯୁକ୍ତି ଦିଆଯାଇଛି । ଜ୍ୟୋତ୍ସ୍ନାମୟୀ ଦେଓ , ଚନ୍ଦ୍ରିକା ସା , ଦିବ୍ୟଶ୍ରୀ ସାହା , ରଞ୍ଜିତା ନାଏକ , ମୁଖି ସାହୁ, ସବିତା ଘିବେଲା, ଜ୍ୟୋଦିନୀ ପଟେଲ , ସୁକାନ୍ତି ପାରାଭୁଏ, ମାଲତୀ ପଟେଲ , ତପସ୍ୱିନୀ ପାଣ୍ଡେ, ଅହଲ୍ୟା ମହାନନ୍ଦ, ପ୍ରତିମା ରାଣା ,ମମତା ଭୁଏ , ଜାନକୀ ଭୁଏ , ସଚଳାରାଣୀ ପଧାନ, ବନିଆ ଭୋଇ , ଚନ୍ଦ୍ରମା ପଧାନ, କାଞ୍ଚନ ବିଶ୍ୱାଳ , କଲ୍ୟାଣୀ ବାଗ, ରଜନୀ ଧରୁଆ, ବବିତା ପଧାନ , ବିଜୟଲକ୍ଷ୍ମୀ ପଧାନ, ତପସ୍ୱିନୀ ଉଦୁରୁକୁଲିଆ , ଜ୍ୟୋବତୀ ପୋଢ, ହିରା ପୁଟା, ନୂଆଦେଇ ପାଣ୍ଡେ, ସୂର୍ଯ୍ୟା ହାତୀ ,ଅର୍ଚନା ସାହୁ , ଶୋଭାଗିନୀ ମହାକୁର , ପ୍ରଭାସିନୀ ବାଗ ଙ୍କୁ ଅଙ୍ଗନୱାଡି କର୍ମୀ ଓ ସହାୟୀକା ରୂପେ ଅବସ୍ଥାପିତ କରାଯାଇଛି ।

# ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ କ୍ରେତା ବିକ୍ରେତା ସମ୍ମିଳନୀ ଉଦ୍‌ଯାପିତ

ପୁରୀ, ୨/୧୧ (ନି.ପ୍ର): ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା, (ଅହମଦାବାଦ) ଗୁଜୁରାଟ ଏବଂ ହ୍ୟାଣ୍ଡମେଡ୍ ଇନ୍ ଇଣ୍ଡିଆ ପ୍ରୋଜେକ୍ଟ କ୍ଲଷ୍ଟର ମିଶନ ଅଫିସ୍ ,ବରପାଲି ତରଫରୁ ଏଚ.ଏସ.ବି.ସି ବ୍ୟାଙ୍କ୍ ସହାୟତାରେ ପୁରୀ ବଡ଼ଦାଣ୍ଡ ସ୍ଥିତ ହୋଟେଲ ଟିପି ଠାରେ ଆୟୋଜିତ ହୋଇଯାଇଛି ଦୁଇ ଦିନିଆ କ୍ରେତା ବିକ୍ରେତା ସମ୍ମିଳନୀ ଓ ସମ୍ବଲପୁରୀ ହସ୍ତ ତନ୍ତ ପ୍ରଦର୍ଶନୀ । ସମ୍ବଲପୁରୀ ହସ୍ତତନ୍ତର ପ୍ରଚାର ପ୍ରସାର କରିବା ସହ ସ୍ଥାନୀୟ ବଜାରରେ ଏହାର ଚାହିଦା ବୃଦ୍ଧି କରିବା ଏବଂ କ୍ରେତାମାନଙ୍କ ସହିତ ବୁଣାକାର ମାନେ କିପରି ସିଧାସଳଖ ଯୋଗାଯୋଗ କରି ଉଚିତ୍ ମୂଲ୍ୟ ପାଇପାରିବେ,ସେହି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରଗଡ଼ କ୍ଲଷ୍ଟରର ୧୭ଟି ବୁଣାକାର ପରିବାର ନିଜର ହସ୍ତତନ୍ତ ପୋଷାକ ପ୍ରଦର୍ଶନ କରିବା ସହିତ କ୍ରେତା ମାନଙ୍କୁ ସେମାନଙ୍କର ଉତ୍ପାଦ ସମ୍ପର୍କରେ ବୁଝାଇଥିଲେ । ପୁରୀର ପ୍ରତିଷ୍ଠିତ ଶାଢ଼ୀ ଓ ଲୁଗା ବ୍ୟବସାୟୀ ମାନେ ଏହି କର୍ମଶାଳାରେ ଯୋଗ ଦେଇ ଏହା ମାଧ୍ୟମରେ ବୁଣାକାର ମାନଙ୍କ ସହିତ ସିଧା ସଳଖ ଯୋଗାଯୋଗ ହୋଇପାରି ଥିବାରୁ ଆଗକୁ ଏହା କ୍ରେତା ବିକ୍ରେତା ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିପାରିବେ ବୋଲି ମତ ଦେଇଥିଲେ । କର୍ମଶାଳା ଓ ପ୍ରଦର୍ଶନୀର ଉଦଯାପନୀ ସନ୍ଧ୍ୟାରେ ପୁରୀ ଉପ ଜିଲ୍ଲାପାଳ ଭବତାରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଜାର ଚାହିଦାକୁ ଦେଖି ବୁଣାକାର ମାନେ ଡିଜାଇନ୍ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ସମାଜିକ କର୍ମି ସିଦ୍ଧାର୍ଥ ରାୟ ଯୋଗ ଦେଇ ବର୍ତ୍ତମାନ ସମୟରେ ଅନଲାଇନ ଟ୍ରେଡିଂ ଚାହିଦା ରହିଥିବାରୁ ଅନଲାଇନ୍ ମାଧ୍ୟମରେ ବୁଣାକାର ମାନେ ନିଜର ସାମଗ୍ରୀକୁ କିପରି ସିଧା ସଳଖ ବିକ୍ରୟ କରିପାରିବେ ସେ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ମତ କହିଥିଲେ । ଏହି କାର୍ଯ୍ୟକ୍ରମକୁ ହ୍ୟାଣ୍ଡ ମେଡ ଇନ୍ ଇଣ୍ଡିଆ ପ୍ରୋଜେକ୍ଟର କ୍ଲଷ୍ଟର ନୋଡାଲ ଅଫିସର ବିଷ୍ଣୁ ପ୍ରସାଦ ପଣ୍ଡା ଓ କମ୍ୟୁନିଟି ମୋବିଲାଇଜର ଦୟାନନ୍ଦ ରାୟ ପରିଚାଳନା କରିଥିଲେ ।

# ସଚେତନତା ବୃଦ୍ଧି ପାଇଲେ, ହ୍ରାସ ପାଇବ ଦୁର୍ନୀତି ହାର

କେନ୍ଦ୍ରାପଡ଼ା, ୨/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଏହି ଉପଲକ୍ଷେ ଆଜି ବିଭିନ୍ନ ସ୍ଥାନରେ ପଲ୍ଲୀସଭାର ଆୟୋଜନ କରାଯାଇଥିଲା । ପାରମ୍ପରିକ ଲୋକକଳା ପାଲା ମାଧ୍ୟମରେ ତିନିମୁହାଣୀ, ସାନ୍ତସାହି ପୋଲ, ଇଛାପୁର ବଳଦେବଜୀଉ ମନ୍ଦିର ନିକଟ ଓ ଚାନ୍ଦୋଳ ବଜାରଠାରେ ମା' ବୁଢ଼ୀ ଜାଗୁଳାଇ ପାଲା ସଂଘ ପକ୍ଷରୁ ସଚେତନତା ବାର୍ତା ପ୍ରଚାର କରାଯାଇଥିଲା । ରଙ୍ଗୋଲି ମାଧ୍ୟମରେ ମଧ୍ୟ ସଚେତନତାର ବାର୍ତା ବାଂଟିଥିଲେ ତୁଳସୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ । ଏଇ ଅବସରରେ ନିଜର ପ୍ରତିକ୍ରିୟା ରଖି କେନ୍ଦ୍ରାପଡ଼ା ଭିଜିଲାନ୍ସ ଡିଏସ୍‌ପି ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ପୁହାଣ କହିଛନ୍ତି, ଜନ ସାଧାରଣଙ୍କ ମଧ୍ୟରେ ଯେତେ ସଚେତନତା ବୃଦ୍ଧି ପାଇବ, ଦୁର୍ନୀତି ହାର ସେତେ ହ୍ରାସ ପାଇବ । ଫଳରେ ରାଜ୍ୟର ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ଜୀବନ ଧାରଣ ମାନରେ ଉନ୍ନତି ଆସିବ । ଜନ ସାଧାରଣ ସ୍ୱଚ୍ଛ ଓ ନିର୍ମଳ ପ୍ରଶାସନିକ ସୁବିଧା ପାଇପାରିବେ । ସୂଚନାଯୋଗ୍ୟ ଯେ, ଆସନ୍ତା ନଭେମ୍ବର ମାସ ୨ତାରିଖ ଦିନ କଲେଜ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ସଚେତନତା ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ସକାଳ ୮ଟାରେ ବାହାରି ସହର ପରିକ୍ରମା କରିବ । ସେହିପରି ୩ ତାରିଖ ଦିନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ପାଳନ କରାଯିବ ।

# ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଚୋରି ଅଭିଯୋଗ

ଧର୍ମଶାଳା, ୨/୧୧ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ପଂଚାୟତ କୁଣ୍ଡପାଟଣାସ୍ଥିତ ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ରାତିରେ ତାଲା ଭାଙ୍ଗି କେହି ଦୃବୃତ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ସହ ହାତ ଘଂଟି ,ବାସନକୁସନ ସାମଗ୍ରୀ ଓ ଲାଇବ୍ରେରୀ ଆଲମିରାରେ ଥିବା ବହୁ ଦାମୀ ବହି ଚୋରି କରି ନେଇଥିବା ନେଇ ବ୍ରହ୍ମବରଦା ଥାନାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁସମା ସାମଲ ଏତଲା ଦେଇଛନ୍ତି । ଏତଲା ପାଇ ପୋଲିସ ଘଟଣାସ୍ଥଳରେ ପଂହଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଧିକ ତଥ୍ୟ ସଂଗ୍ରହ ପାଇଁ ସାଇଂଟିଫିକ୍ ଟିମ୍ ସହାୟତା ନେଇଛି । ଅପରାହ୍ନରେ ସାଇଁଟିଫିକ୍ ଟିମ୍ ବିଦ୍ୟାଳୟରେ ପଂହଚି ବିଭିନ୍ନ ସ୍ଥାନରୁ ତଥ୍ୟ ସଂଗ୍ରହ କରିଛି । ତେବେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଦୃଢ ନିନ୍ଦା କରାଯାଇଛି । ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ପ୍ରଧାନଶିକ୍ଷୟିତ୍ରୀ ଜିଲା ଶିକ୍ଷା ଅଧିକାରୀ , ବ୍ଲକ ଶିକ୍ଷା ଅଧିକାରୀ ଓ ରସୁଲପୁର ବିଡିଓଙ୍କୁ ଅବଗତ କରାଇଥିଲେ । ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଆଜି ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା । ଅଭିଯୋଗ ମୁତବକ, ରାଉତରାପୁର ପଂଚାୟତସ୍ଥିତ ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ ମଙ୍ଗଳବାର ଦିନ ୪ଟାରେ ବିଦ୍ୟାଳୟ ଛୁଟି ହୋଇଥିଲା । ଫଳରେ ସମସ୍ତ ଶ୍ରେଣୀ ଗୃହ ଓ ମୁଖ୍ୟ ଫାଟକରେ ତାଲା ପକାଯାଇଥିଲା । ପରେ ସମସ୍ତ ଶିକ୍ଷା କର୍ମଚାରୀ ସେଠାରୁ ଚାଲି ଯାଇଥିଲେ । ଆଜି ସକାଳ ସମୟରେ ବିଦ୍ୟାଳୟର ଶିକ୍ଷକ ଫାଟ ଦେଇ ଆସିବା ପରେ ବିଦ୍ୟାଳୟର ୭ ଗୋଟି ଶ୍ରେଣୀ ଗୃହ ଖୋଲା ରହିବା ସହ ସମସ୍ତ ଗୃହର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଏହାକୁ ଦେଖି ସେ ପ୍ରଧାନଶିକ୍ଷୟିତ୍ରୀ ସୁସମା ସାମଲ ଓ ରାଉତରାପୁର ସରପଂଚ ସ୍ୱର୍ଣ୍ଣଲତା ସାହୁଙ୍କୁ ଜଣାଇଥିଲେ । ବିଦ୍ୟାଳୟ ପରିସରରେ ପଂହଚିବା ପରେ ତାଲା ଭଙ୍ଗା ଯାଇ ଦୃବୃତମାନେ ୫ଗୋଟି କମ୍ପ୍ୟୁଟର, ଗୋଟିଏ ହାତ ଘଂଟି, ସମସ୍ତ ବାସନକୁସନ ସାମଗ୍ରୀ ଓ ଲାଇବ୍ରେରୀରେ ଥିବା ବହୁ ଗୁରୁତ୍ୱ ପୂର୍ଣ୍ଣ ବହି ନେଇଯାଇଥିବା ଜାଣିବାକୁ ପାଇଥିଲେ ।

# ପୁରୁଷୋତମପୁର ଗ୍ରାମୀଣ ପାର୍କ ଉଦ୍‌ଘାଟିତ

ଭୁବନ, ୨/୧୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଏକତାଲି ପଂଚାୟତ ର ପୁରୁଷୋତମପୁର (ମଣିପୁର) ଗ୍ରାମୀଣ ପାର୍କ ଉଦଘାଟିତ ହୋଇଯାଇଛି । କାମାକ୍ଷାନଗରର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି ପାର୍କକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ,ଏକତାଲି ସରପଂଚ ଝିଲୀପ୍ରଭା ବେହେରା, ଏକତାଲି ସମିତି ସଭ୍ୟା ତଥା ବ୍ଲକ ଉପାଧକ୍ଷା ସରୋଜିନୀ ଦ୍ୱିବେଦୀ, ବିଡ଼ିଓ କଲ୍ୟାଣ ସୌରଭ ଦାଶ,ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ,ପୂର୍ବତନ ସମିତି ସଭ୍ୟ ଅମୂଲ୍ୟ ଦ୍ୱିବେଦୀ, ନନ୍ଦ କିଶୋର ବେହେରା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରୁଷୋତମପୁର ଗ୍ରାମର କୁଞ୍ଜ ବିହାରୀ ମିଶ୍ର,ଆନନ୍ଦ ଚରଣ ଦ୍ୱିବେଦୀ, ଦେବାଶିଷ ଶତପଥୀ, ବିଷ୍ଣୁ ପ୍ରସାଦ ଶତପଥୀ, ଯୁଗଳ ମିଶ୍ର, ବିଭୂତି ଦ୍ୱିବେଦୀ, ବିରଂଚି ନାରାୟଣ ମିଶ୍ର, ପରମାନନ୍ଦ ମିଶ୍ର, ନରୋତମ ମିଶ୍ର, ପୁରୁଷୋତମ ମିଶ୍ର, ନିରଞ୍ଜନ ମିଶ୍ର ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ । ସଞ୍ଜୟ କୁମାର ଦାଶ ସଭା ପରିଚାଳନା କରିଥିବା ବେଳେ କ୍ଷୀରୋଦ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବସନ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରାମ ସଭାପତି ପଙ୍କଜ କୁମାର ଶତପଥୀ ଙ୍କ ସମେତ ଗ୍ରାମବାସୀ ପାର୍କ ଉଦଘାଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମୃତ ପରିବାରକୁ ହୋମଗାର୍ଡ଼ ସଂଘ ଓ ମାନବାଧିକାର ମିସନ ତରଫରୁ ସହାୟତା

କନ୍ଧମାଳ, ୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ଟାଉନ ଥାନାର ହୋମଗାର୍ଡ ସଂଘ କର୍ମକର୍ତା ପ୍ରବୋଧ କୁମାର ଦିଗାଲଙ୍କର ଅକାଳ ବିୟୋଗ ହୋଇଥିବାରୁ ଆଜି ତାଙ୍କର ଦଶାହ କାର୍ଯ୍ୟ ସ୍ଥାନୀୟ ନାରାୟଣୀ ରୋଡ୍ ରୁଗୁଡିସାହି ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତା ଏବଂ ମାନବାଧିକାର ମିସନ କନ୍ଧମାଳ ଜିଲ୍ଲା ସଭାପତି ବିରାଜ କୁମାର ପ୍ରଧାନଙ୍କ ନେତୃତ୍ୱରେ କିଛି ରାସନ ସାମଗ୍ରୀ ଏବଂ ନୂତନ ବସ୍ତ୍ର ସହିତ କିଛି ଆର୍ଥିକ ସହାୟତା ସଂଘ ତରଫରୁ ଯୋଗାଇ ଦିଆଯାଇଛି । ପ୍ରଥମେ ମୃତ ହୋମଗାର୍ଡ଼ ପ୍ରବୋଧ କୁମାର ଦିଗାଲଙ୍କ ଫୋଟଚିତ୍ର ଉପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରିଥିଲେ । ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାର ସମସ୍ତ ଥାନାର ମୃତ୍ୟୁବରଣ କରିଥିବା ହୋମଗାର୍ଡ ଏବଂ ଅବସର ଗ୍ରହଣ କରିଥିବା ହୋମଗାର୍ଡ଼ ଭାଇ ଭଉଣୀ ମାନଙ୍କ ପରିବାର ସଦସ୍ୟଙ୍କୁ କନ୍ଧମାଳ ଜିଲ୍ଲା ଗୃହରକ୍ଷୀ କମାଣ୍ଡେଣ୍ଟ ଏବଂ ଉପରିସ୍ଥ ଅଧିକାରୀ ମାନଙ୍କ ଆଲୋଚନା ଏବଂ ସହଯୋଗରେ ଗୋଟିଏ ଦିନର ଦରମା ଟଙ୍କା ଯୋଗାଇଦେବା ପାଇଁ ସଂଘ ତରଫରୁ ନିଷ୍ପତି ନିଆଯାଇନଥିବା ସଂଘ କର୍ମକର୍ତା ମତ ପ୍ରକାଶ କରିଥିଲେ । ଆଜିର କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ କର୍ମକର୍ତା । ସଭାପତି ପ୍ରଭାତ କୁମାର ସାହାଣୀ ସମ୍ପାଦକ ସପନ କୁମାର ମିଶ୍ର କୋଷାଧକ୍ଷ ଶେଖ୍ ରିହାଜୁଦିନ୍ କାର୍ଯ୍ୟକାରୀ ସଭାପତି ଅଖୟ କୁମାର ରାୟ ଟାଉନ ଥାନାର ହୋମଗାର୍ଡ ସଂଘ କର୍ମକର୍ତା ଉପ ସଭାପତି ସାଫରିନ ଖାନ୍ କୋଷାଧକ୍ଷ ଜୟନ୍ତୀ ଚୈଧୁରୀ, ଏବଂ ଅନ୍ୟ ହୋମଗାର୍ଡ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ ।

# ସୁଲଭ ମୂଲ୍ୟରେ ପିଆଜ ଯୋଗାନ୍ତୁ ରାଜ୍ୟ ସରକାର: କଂଗ୍ରେସ

ଭୁବନେଶ୍ୱର, ୨/୧୧ (ନି.ପ୍ର): ଗତ ଦୁଇସପ୍ତାହରୁ ଅଧିକ ହେବ ରାଜ୍ୟରେ ପିଆଜ ଦାମ କିଲୋ ପିଛା ୬୦ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି । ପିଆଜର ଖୁଚୁରା ଦାମ ଦୁଇ ସପ୍ତାହ ପୂର୍ବରୁ କିଲୋପିଛା ୩୦ ଟଙ୍କାରେ ବିକ୍ରି ହେଉଥିଲା ବେଳେ ହଠାତ କାହିଁକି ପିଆଜର ଦାମ ବଜାରରେ ୬୦ ଟଙ୍କାକୁ ଛୁଇଁଲା ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି । ଯେ ପର୍ଯ୍ୟନ୍ତ ଦାମ୍ କମିନାହିଁ ରାଜ୍ୟ ସରକାର ରାଜ୍ୟରେ ସମସ୍ତ ସୁଲଭ କୋକାନ ମାଧମରେ ଏବଂ ସହରାଂଚଳରେ ବିଭିନ୍ନ ଯାଗା ମାନଙ୍କରେ ୩୦ ଟଙ୍କା କିଲୋ ପିଛା ପିଆଜ ଲୋକମାନଙ୍କୁ ଯୋଗାଇ ଦିଅନ୍ତୁ । ଏଭଳି ଖାଉଟି ମାରଣ ପରିସ୍ଥିତିରୁ ରାଜ୍ୟ କେବେ ମୁକୁଳିବ ତା ମଧ ବିଭାଗୀୟ ମନ୍ତ୍ରୀମାନେ କୁହନ୍ତୁ ବୋଲି ରାଜ୍ୟ କଂଗ୍ରେସ ଦାବି କରିଛି । ବୁଧବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ରାଜ୍ୟ ସରକାର ପିଆଜର ଦରକୁ ବଜାରରେ ସ୍ଥିର ରଖିବାପାଇଁ ଏବଂ ରାଜ୍ୟରେ ପିଆଜ ଉତ୍ପାଦନକୁ ବୃଦ୍ଧି କରିବା ସକାଶେ ପିଆଜ ମିଶନ ୨୦୧୫ ମସିହାରେ କଲେ ଏବଂ ଏଥିପାଇଁ ୧୫ କୋଟି ଟଙ୍କାର ବ୍ୟୟ ବରାଦ କଲେ । ଏପର୍ଯ୍ୟନ୍ତ ୧୨ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇସାରିଲାଣି । କିନ୍ତୁ ରାଜ୍ୟର ଚାଷୀର ପିଆଜ ଅଭାବିବିକ୍ରୀ ଏବଂ ଖାଉଟି ପିଆଜକୁ ଚଢ଼ାଦାମରୁ କିଣିବାରୁ ମୁକ୍ତି ପାଇଲା ନାହିଁ । ୨୦୧୫ ମସିହାରେ ପୂର୍ବତନ କୃଷିମନ୍ତ୍ରୀ ପ୍ରଦୀପ ମହାରଥି କହିଥିଲେ ଯେ ରାଜ୍ୟରେ ଯେତିକି ପିଆଜ ଉତ୍ପାଦନ ହେଉଛି ତାକୁ ସଂରକ୍ଷଣ କରିବାପାଇଁ ୩୦୦ ଟି ଶୀତଳ ଭଣ୍ଡାରର ଆବଶ୍ୟକତା ଅଛି । ୯ ବର୍ଷ ଭିତରେ ପିଆଜ ସଂରକ୍ଷଣ କରିବାପାଇଁ ରାଜ୍ୟ ସରକାର ଗୋଟିଏ ବୋଲି ଶୀତଳ ଭଣ୍ଡାର କରି ନାହାନ୍ତି । ଯଦି ରାଜ୍ୟ ସରକାର କରିଛନ୍ତି ବୋଲି କହୁଛନ୍ତି ତାହାଲେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ କେତେ ଶୀତଳ ଭଣ୍ଡାର ହୋଇଛି । ଏଥିରେ କେତେ ପିଆଜ ସଂରକ୍ଷଣ କେତେ ହେଉଛି ତାର ତଥ୍ୟ ରଖନ୍ତୁ । ଓଡ଼ିଶାର ପିଆଜ ଚାଷୀମାନେ ବିଶେଷ କରି ରବି ଋତୁରେ ପିଆଜ ଚାଷ କରନ୍ତି । ଅମଳ କଳାପରେ ଖୋଲା ବଜାରରେ ଚାଷୀମାନେ ୬ ଟଙ୍କାରୁ ୮ ଟଙ୍କା କିଲୋପିଛା ବିକ୍ରି କରିଦିଅନ୍ତି କିନ୍ତୁ ଏକ ମାସ ପରେ ବଜାରରେ ୧୫ଟଙ୍କାରେ ଖରିଦ୍ କରନ୍ତି । ରାଜ୍ୟର ୫ଟି ଜିଲ୍ଲା ଯଥା କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ଅନୁଗୁଳ ଓ ବୌଦ୍ଧ ଜିଲ୍ଲାରେ ଚାଷୀମାନେ ପିଆଜ ଅଭାବୀ ବିକ୍ରି ସମସ୍ୟାରେ ବର୍ଷ ବର୍ଷ ଧରି ପିଡ଼ିତ । ସଂରକ୍ଷଣ ଅଭାବ ହେତୁ ଏ ପରିସ୍ଥିତି ସୃଷ୍ଟି ହେଉଛି ।

# ହୀରାକୁଦ ଇକୋ ରିଟ୍ରିଟ ଉଦ୍‌ଘାଟିତ

ସମ୍ବଲପୁର, ୨/୧୧ (ନି.ପ୍ର): ସବୁ ବର୍ଷପରି ଚଳିତ ବର୍ଷ ମଧ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ହୀରାକୁଦ ଇକୋ ରିଟ୍ରିଟ ବ୍ୟବସ୍ଥା କରାଯାଇଛି । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ମାଧ୍ୟମରେ ଏହାର ଉଦଘାଟନ କରିଛନ୍ତି । ଇକୋ ରିଟ୍ରିଟ୍ ଆଜି ଠାରୁ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଇକୋ ରିଟ୍ରିରେ ଷ୍ଟାର ହୋଟେଲର ରହଣି ସୁବିଧା, ସକାଳ ଜଳଖିଆ ଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ରହିଛି । ସୁସ୍ୱାଦ ଖାଦ୍ୟ, ପାନୀୟ, ନାଚ, ଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଜଳକ୍ରୀଡା, ବୋଟରେ ହୀରାକୁଦ ଜଳରାଶିରେ ବୁଲିବାର ମଜା,ଦୁଃସାହସିକ ଖେଳ ସହ ପ୍ରକୃତି କୋଳଲେ ଅପୂର୍ବ ଅନୁଭୂତି ସାଉଁଟିବେ ପର୍ଯ୍ୟଟକ । ଏହା ସହିତ ହୀରାକୁଦ ଇକୋ ରିଟ୍ରିଟ ଆସୁଥିବା ପର୍ଯ୍ୟଟକ ମାନେ ସମଲେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ, ଘଣ୍ଟେଶ୍ୱରୀ ମନ୍ଦିର, ଡେବ୍ରିଗଡ଼ ଅଭୟାରଣ୍ୟ ଇତ୍ୟାଦି ବୁଲିବାର ମଜା ନେଇପାରିବେ । ଚଳିତ ବର୍ଷ ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ ଗୋଟି ବିଳାସପୂର୍ଣ୍ଣ କଟେଜ ସହିତ ଷ୍ଟାର ହୋଟେଲ ସୁବିଧା ମିଳିବ । ବୁଧବାର ସକାଳ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭର୍ଚୁଆଲ୍ ଉଦଘାଟନୀ କାର୍ଯ୍ୟକ୍ରମରେ ହୀରାକୁଦ ଇକୋ ରିଟ୍ରିଟ ସାଇଟରେ ରେଙ୍ଗାଲି ବିଧାୟକ ନାଉରି ନାୟକ, ରେଢ଼ାଖୋଲ ବିଧାୟକ ରହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ପ୍ରେସିଡେଣ୍ଟ କୁମୁଦିନୀ ନାୟକ, ଉତ୍ତରାଂଚଳ ରାଜସ୍ୱ କମିସନର ଡ଼. ସୁରେଶ ଚନ୍ଦ୍ର ଦଳେଇ, ଜିଲ୍ଲାପାଳ ଅନନ୍ୟା ଦାସ, ଏସପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ କମିସନର ବେଦ ଭୂଷଣ, ପର୍ଯ୍ୟଟନ ବିଭାଗ ଓଏସଡ ହେମନ୍ତ ପ୍ରଧାନ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କଟେଜରେ ଗୋଟିଏ ଦିନର ରହଣି(ସୋମବାରରୁ ଶୁକ୍ରବାର ) ୮ ହଜାର ଟଙ୍କା ଏବଂ ଶନିବାର ଓ ରବିବାର ପ୍ରତି କଟେଜର ମୂଲ୍ୟ ୯ ହଜାର ଟଙ୍କା ସହିତ ସ୍ୱତନ୍ତ୍ର ଦିବସ ଯଥା ୨୩ ଡ଼ିସେମ୍ବରରୁ ୩ ଜାନୁଆରୀ ପାଇଁ ୧୦ ହଜାର ଟଙ୍କା ରହିଛି । ଓଡ଼ିଶାର ଯେକୌଣସି ଇକୋ ରିଟ୍ରିଟ ପାଇଁ ବୁକିଂ କରିପାରିବେ ।

# ନଭେମ୍ବର ୫ରେ ସୁନାମି ମକ୍‌ଡ୍ରିଲ: ବାସୁଦେବପୁରର ୫ଟି ଗ୍ରାମରେ ହେବ ଅଭ୍ୟାସ

ଭଦ୍ରକ , ୨/୧୧ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ସୁନାମି ସତର୍କତା ଓ ସଚେତନତା ପାଇଁ ନଭେମ୍ବର ୫ ତାରିଖ ରବିବାର ଦିନ ହେବାକୁ ଥିବା ମକ୍‌ଡ୍ରିଲ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲି ପ୍ରମୁଖ ଯୋଗ ଦେଇଥିଲେ । ଭୂମିକମ୍ପ ଯୋଗୁଁ ସୃଷ୍ଟି ହେଉଥିବା ସୁନାମି ଆମ ରାଜ୍ୟରେ ଅଦ୍ୟାବଧି ହୋଇନଥିଲେ ବି ଭବିଷ୍ୟତରେ ଯେ ତାହା ନ ହେବ ସେ କଥା କହିହେବ ନାହିଁ । ତେଣୁ ସୁନାମି ଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟରୁ ଧନଜୀବନ ରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଆୟୋଜିତ ହେବାକୁ ଥିବା ସୁନାମି ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲାର ଉପକୂଳ ଅଞ୍ଚଳ ବାସୁଦେବପୁର ବ୍ଲକ୍‌ର ୫ଟି ଗ୍ରାମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟ ସ୍ତରରେ ନିର୍ଦ୍ଧାରିତ ଏହି ଗ୍ରାମ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀମାନଙ୍କୁ ସାମିଲ କରାଯାଇ ବିଭାଗୀୟ କାର୍ଯ୍ୟଧାରା ପ୍ରଦର୍ଶନ ପାଇଁ ଆଲୋଚନା କରାଯାଇ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଅଡୁଆଁ, ବଡ଼ବାହଳି ସାହି, କୃଷ୍ଣପୁର, କୁମାରପୁର ଏବଂ ମୋହନପୁର ଗ୍ରାମରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହେବ । ଉକ୍ତ ଦିନ ସକାଳ ୯ ଟା ୩୦ ରେ ଆସିବାକୁ ଥିବା ଡମି ବାର୍ତ୍ତା ପାଇ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭାଗୀୟ ପ୍ରକ୍ରିୟା କାର୍ଯ୍ୟାନ୍ୱୟନ କରାଯିବ । ସୁନାମି ଆସିଲେ ଆମକୁ କ'ଣ କରିବାକୁ ହେବ ଏବଂ ସୁନାମି ବିପର୍ଯ୍ୟୟ ପରିଚାଳନା ନେଇ ସଂପୃକ୍ତ ବିଭାଗୀୟ କାର୍ଯ୍ୟଧାରା, ଜନପ୍ରତିନିଧି, ଅଗ୍ନିଶମ, ପୋଲିସ ଗଣମାଧମ ଆଦିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଆଲର୍ଟ ସିଷ୍ଟମ୍ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଡି.ଏସ୍.ପି.ଡି. ଆଇ.ବି. କୋଳମ ଲୋଚନ ଭୂୟାଁ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୂଚନା ଯୋଗ୍ୟକି ଏହି ଉପଲକ୍ଷେ ଗତ ସେପ୍ଟେମ୍ବର ୨୯ରେ ଜିଲ୍ଲା ସଂସ୍କୃତି ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

## ମେଧା ପ୍ରତିଯୋଗିତା ସଫଳ ଅନ୍ୱେଷାଙ୍କୁ ସମ୍ବର୍ଦ୍ଧନା

ଖଇରା, ୨/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପୁରୁଷୋତ୍ତମ ପୁର ଗ୍ରାମର ଅନ୍ୱେଷା ବାରିକ ରାଜ୍ୟ ସ୍ତରୀୟ ଶିଶୁ ବିକାଶ ମେଧା ପ୍ରତିଯୋଗିତା ରେ ଦ୍ୱିତୀୟ ହେବା ପରେ ତାଙ୍କୁ ଶିଶୁ ମହୋତ୍ସବରେ ୧ତାରିଖରେ ସମ୍ବର୍ଦ୍ଧିତ କରାଯାଇଛି । ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନ ପରିସରରେ ସୁଧାନିଧି ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଭବ୍ୟ ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୁର୍ବତନ କୁଳପତି ଡ ବିନାୟକ ରଥ,ଶିକ୍ଷା ନିର୍ଦ୍ଦେଶକ ରାଜଶ୍ରୀ ମିଶ୍ର,ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅନ୍ୱେଷାଙ୍କୁ ପ୍ରମାଣପତ୍ର,୧ହଜାର୨ଶହ ଟଙ୍କାର ଚେକ ପ୍ରଦାନ କରିଥିଲେ । ଅଶିତ ଓ ଉର୍ମିଳା ବାରିକଙ୍କ ଝିଅ ଅନ୍ୱେଷା ସଂକୁଳ ଓ କେନ୍ଦ୍ର ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତା ରେ ପ୍ରଥମ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିଲେ ।



## ଉଠା ଜଳସେଚନ ପଏଣ୍ଟଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ କରିବାକୁ ନୀଳଗିରି କଂଗ୍ରେସର ଦାବି



ନୀଳଗିରି , ୨/୧୧ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳର ବିଭିନ୍ନ ବ୍ଲକ ଯଥା ନୀଳଗିରି, ଔପଦା, ବାହାନଗା ଓ ନୀଳଗିରି ଏନଏସି ଅନ୍ତର୍ଗତ ଚାଷ ଜମିରେ ଅଭାବୀ ବର୍ଷା ଯୋଗୁଁ ବିଲ ଫାଟି ଆଁ କରିବା ଫଳରେ ଚାଷ ନଷ୍ଟ ହେବାକୁ ବସିଲାଣି । ଏଣୁ ଏହିସବୁ ବ୍ଲକରେ ଥିବା ଉଠା ଜଳସେଚନ ପଏଣ୍ଟ ଗୁଡିକ ଚାଲୁକରିବା ପାଇଁ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ନୀଳଗିରି କଂଗ୍ରେସର ତୁଙ୍ଗନେତା ତଥା ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସହ ବହୁ ବରିଷ୍ଠ କଂଗ୍ରେସ ନେତା ଉପଜିଲ୍ଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି । ପ୍ରଶାସନ ଅଚଳ ଉଠା ଜଳସେଚନ ପଏଣ୍ଟ ଗୁଡିକ ଯଥାଶୀଘ୍ର ମରାମତି କରି ଚାଲୁ ନକଲେ ଆଗକୁ ଚାଷୀମାନଙ୍କର ବହୁ କ୍ଷୟକ୍ଷତି ହେବ ଯାହା ସରକାର ଦାୟୀ ରହିବେ ବୋଲି ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସହ ରତିକାନ୍ତ ବେହେରା, ସୁରେନ୍ଦ୍ରନାଥ ଦାସ, ଯୋଶୋଦାନନ୍ଦନ ସିଂହ ପ୍ରମୁଖ ଉପସ୍ଥିତ ରହି ଦାବୀ ଜଣାଇଥିଲେ ।

# ଇସ୍ରାଏଲର ଆକ୍ରମଣ ସମସ୍ତ ମାନବିକତାକୁ କରିଛି ଉଲଙ୍ଘନ ବିରୋଧରେ ପଥପ୍ରାନ୍ତ ସଭା

ଜଳେଶ୍ୱର ୨/୧୧: ଇସ୍ରାଏଲର ପାଲେଷ୍ଟାଇନ୍ ଉପରେ ଦୀର୍ଘ ୨୫ଦିନ ଧରି ବର୍ବୋରିତ ଆକ୍ରମଣ ଯୋଗୁଁ ପ୍ରାୟ ୧୦ହଜାରରୁ ଅଧିକ ଆବାଳ ବୃଦ୍ଧ ବନିତାଙ୍କ ମୃତ୍ୟୁ ସହିତ ଗାଜା ଶ୍ମଶାନରେ ପଣିଣତ ହେଲାଣି । ଏପରି ଏକ ଅମାନବୀୟ ଘଟଣାରେ ସିପିଆଇଏମ୍, କୃଷକ, ଶ୍ରମିକ, କ୍ଷେତମଜଦୁର, ମହିଳା ଓ ଯୁବଛାତ୍ର ସଂଗଠନ ପକ୍ଷରୁ ଆଜି ଜଳେଶ୍ୱର ଠାରେ ଏକ ପଟୁଆର ବାହାରି ବଜାର ପରିକ୍ରମା କରିବାପରେ କ୍ଷେସନଛକଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ୧୯୪୮ ମସିହାରେ ଗ୍ରେଟ ବ୍ରିଟେନ ପାଲେଷ୍ଟାଇନ୍‌କୁ ଭାଗ କରି ଇସ୍ରାଏଲ ସୃଷ୍ଟି କରିଥିଲା । ସେହି ଦିନଠୁ ପାଲେଷ୍ଟାଇନ୍ ଭିଟାମାଟି ପାଇଁ ଲଢେଇ କରୁଛି । ଏବେ ଆମ୍ରାଜ୍ୟବାଦୀ ଆମେରିକାର ନେତୃତ୍ୱରେ ଇସ୍ରାଏଲ ଗାଜାକୁ ଅବରୋଧ କରି ପାଣି, ବିଜୁଳି, ଖାଦ୍ୟ, ଔଷଧ ବନ୍ଦ କରି ଏକ ଅନାମବିକତାର ପରିବେଶ ସୃଷ୍ଟି କରିଛି । ଯୁଦ୍ଧ ବନ୍ଦ ପ୍ରସ୍ତାବ ଜାତିସଂଘ ଦେଇଥିବା ବେଳେ ଆମେରିକା ଭିଟୋ ପ୍ରୟୋଗ କରିଛି । ତେଣୁ ଜାତି, ଧର୍ମ, ବର୍ଣ୍ଣ ଦଳମତ ନିର୍ବିଶେଷରେ ଯୁଦ୍ଧ ବନ୍ଦ କରି ମାନବିକତାର ଧ୍ୱଜା ଧରି ପ୍ରତିତବାଦର ସ୍ୱରକୁ ଆହୁରି ଶାଣିତ କରିବାକୁ ପଡିବ ବୋଲି ସିପିଆଇଏମ୍, କୃଷକ, ଶ୍ରମିକ, କ୍ଷେତମଜଦୁର, ମହିଳା ଓ ଯୁବଛାତ୍ର ସଂଗଠନ ପକ୍ଷରୁ ଆଜି ଜଳେଶ୍ୱର କ୍ଷେସନଛକଠାରେ ପଥପ୍ରାନ୍ତ ସଭା ବକ୍ତାମାନେ କହିଛନ୍ତି । ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ଜିତାଂଶୁ ନନ୍ଦି, ବସନ୍ତ ଦାସ, ରବିନ୍ଦ୍ର ବାରିକ, ରତନ ଦାସ, ଗଣେଶ ପାତ୍ର, ପ୍ରକାଶ ଦେ, ସବିତା ସାହୁ, ମହୁଆ ବସୁ, ସବିତା ଭୂୟାଁ, ଲକ୍ଷ୍ମିଧର ପଲାଇ, ସେକ ଅବଦୁଲ ସାଦିକ, ସୁବ୍ରତ ବିଶ୍ୱାଳ, ଯତିନ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଯୁଦ୍ଧ ନୁହେଁ ଶାନ୍ତି ପାଇଁ ଆହ୍ୱାନ ଦେଇଥିଲେ ।

## ନିର୍ବାଚନ ଆସୁଥିବାରୁ ପଶ୍ଚିମ ଓଡ଼ିଶା ଭାବାବେଗକୁ ଇସ୍ୟୁ କରୁଛନ୍ତି ନରସିଂହ : କଳିକେଶ

ଭୁବନେଶ୍ୱର, ୨/୧୧ (ନି.ପ୍ର): ଅଭିନେତା ମନୋଜ ମିଶ୍ରଙ୍କ ଉପରେ ବ୍ୟାନ୍ କୁ ନେଇ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଦେଇଥିବା ବୟାନ୍ ର ଜବାବ୍ ଦେଇଛନ୍ତି ବିଜେଡି ନେତା ତଥା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ । ସେ ନରସିଂହଙ୍କୁ ପ୍ରଶ୍ନ କରିଛନ୍ତି ଯେ ବିଧାୟକ ଭାବେ କେତେ ଥର ପଶ୍ଚିମ ଓଡ଼ିଶା ଅବହେଳା କଥା ଉଠାଇଛନ୍ତି ? ନିର୍ବାଚନ ଆସୁଥିବାରୁ ପଶ୍ଚିମ ଓଡ଼ିଶା ଭାବାବେଗକୁ ଇସ୍ୟୁ କରୁଛନ୍ତି ବୋଲି କଳିକେଶ କହିଛନ୍ତି । ଓଲିଉଡ୍ ବିବାଦ ସମ୍ପର୍କରେ ଗୁରୁବାର ଦିନ ନରସିଂହ କହିଛନ୍ତି, ଜଣେ କଳାକାରଙ୍କୁ ଯେଭଳି ଅପମାନ କରାଗଲା ତାହା ନିନ୍ଦନୀୟ । ବ୍ୟାନ ପୂର୍ବରୁ ମନୋଜଙ୍କୁ କାରଣ ଦର୍ଶାଯାଇଥିଲା କି ? ରାଜ୍ୟ ସରକାର କେବଳ ଗୁମାସ୍ତାଙ୍କୁ ଧରି ବୟାନବାଜି କରୁଛନ୍ତି । ସମାଧାନ ପାଇଁ ନୁହେଁ, କେବଳ ଖସି ପଳାଇବାକୁ ଦରାଣ୍ଡି ହେଉଛନ୍ତି । ତୁରନ୍ତ ମନୋଜଙ୍କ ଉପରୁ ବ୍ୟାନ ପ୍ରତ୍ୟାହର କର । ନରସିଂହଙ୍କ ଏହି ବୟାନକୁ ନାପସନ୍ଦ କରି ବିଜେଡି ନେତା ତଥା ପୂର୍ବତନ ବଲାଙ୍ଗିର ସାଂସଦ କଳିକେଶ ନାରାୟଣ ସିଂହଦେଓ କହିଛନ୍ତି, ରାଜନୈତିକ ବୟାନବାଜି ଦେଇ ଆଉ ବିବାଦ କରନ୍ତୁନି ।

## ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭଗବାନପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ବସ୍ତା, ୨/୧୧ (ନି.ପ୍ର): ବେତନଟୀ ବ୍ଲକ୍ ଅନ୍ତର୍ଗତ ଆମ୍ବଗଡ଼ିଆ ପଞ୍ଚାୟତ ଅଧିନରେ ଥିବା ଭଗବାନପୁର ଗ୍ରାମରେ ନୂଆ କରି ଗଢ଼ିଉଠିଥିବା 'ବିର୍ ବିରିସା ବଜରଙ୍ଗୀ କ୍ଲବ୍' ଆନୁକୂଲ୍ୟରେ ପ୍ରଥମ କରି ଭଗବାନପୁର ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଥିଲା ।ଏହି ପୂଜା ଉପଲକ୍ଷେ କ୍ଲବ୍ ପକ୍ଷରୁ କ୍ଲବ୍ ର ମ୍ୟାନେଜର ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ବରିଷ୍ଠ ସମାଜସେବୀ ଶ୍ରୀଯୁକ୍ତ ଭଗବାନ ମହାପାତ୍ର ଉଦ୍ଘାଟକ ଭାବେ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବୈଦିକ ଗୁରୁକୁଳ ଆଶ୍ରମ, ପିଞ୍ଚାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ, ମୁଖ୍ୟ ବକ୍ତା ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, ବରେଣ୍ୟ ଅତିଥି କସିପଦା ପଞ୍ଚାୟତ ହାଇସ୍କୁଲ ର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଗୌରହରି ପ୍ରହରାଜ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଭିନେତା ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଅତିଥିଗଣ ଯୋଗଦାନ କରି ସାଂସ୍କୃତିକ କାର୍ଯ୍ୟ ରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଠାରେ ଦ୍ୱୀପ ପ୍ରଜ୍ୱଳନ କରିବା ପରେ ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ସୁଶ୍ରୀ ମାନସୀ ସ୍ୱାଇଁ , ସୁଶ୍ରୀ ଜୟସ୍ମିତା ମହାପାତ୍ର ଓ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ଦ୍ୱାରା ଅତିଥିଗଣ ଙ୍କୁ ଚନ୍ଦନ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । କୁନି ନୃତ୍ୟ ଶିଳ୍ପୀ ସୁଶ୍ରୀ ଅର୍ଚ୍ଚିତା ପ୍ରଧାନ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦ ଜଣ ପ୍ରତିଯୋଗୀ ଏହି ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ପଣ୍ଡିତ ଗୌରହରି ପ୍ରହରାଜ ଦାୟିତ୍ୱ ତୁଲାଇଥିଲେ , ଉକ୍ତ ପ୍ରତିଯୋଗିତାରେ ସୁଶ୍ରୀ ଆୟିଶା ପଣ୍ଡା ପ୍ରଥମ, ସୁଶ୍ରୀ ଅର୍ଚ୍ଚିତା ପ୍ରଧାନ ଦ୍ୱିତୀୟ ଓ ରଶ୍ମିତା ଦାସ ତୃତୀୟ ସ୍ଥାନ ହାସଲ କରି ସଫଳତା ପ୍ରାପ୍ତ କରିଥିଲେ । ଏହି କୃତି ୩ ନୃତ୍ୟ ଶିଳ୍ପୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ପୁରସ୍କାର ରାଶି ପ୍ରଦାନ କରାଯିବା ସହିତ ଅନ୍ୟ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ବିତରଣ କରାଯାଇଥିଲା । ଗ୍ରାମବାସୀଙ୍କର ସହଯୋଗ ସହିତ କ୍ଲବ୍ ର ସଭାପତି ଶ୍ରୀ କାର୍ତ୍ତିକ ସିଂ, ସମ୍ପାଦକ ମୋହନ ସିଂ , କୋଷାଧକ୍ଷ ବିଜୁ ବାସ୍କେ , କମଳା କାନ୍ତ ସାହୁ, ସୁଦର୍ଶନ ମହାପାତ୍ର ଓ ଦେବେନ୍ଦ୍ର ଆଚାର୍ଯ୍ୟ ଆଦି ଯୁବକଗଣ ଅନେକ ଦାୟିତ୍ୱ ତୁଲାଇଥିଲେ । ପରିଶେଷରେ କ୍ଲବ୍ ର ସଭାପତି ଶ୍ରୀ କାର୍ତ୍ତିକ ସିଂ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବବିଜେଡ଼ି ସଭାପତି ତାପସ ପରିଡାଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଯୁବବିଜେଡି ସଭାପତି ତାପସ କୁମାର ପରିଡାଙ୍କ ଜନ୍ମ ଦିବସ ଅବସରରେ ଗୁରୁବାର ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ପଞ୍ଚାୟତ ସନ୍ତରାଗାଡ଼ିଆ ପ୍ରକ୍ଷଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏକ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ! ଉକ୍ତ ଶିବିର କୁ ଡ଼କ୍ଟର ଦେବୀପ୍ରସନ୍ନ ପଣ୍ଡା, ଜିଲ୍ଲା ଯୁବବିଜେଡ଼ି ସଭାପତି ତାପସ ପରିଡା ଆନୁଷ୍ଠାନିକ ଭାବେ ଉଦଘାଟନ କାରିବା ସହିତ ବୃକ୍ଷ ରୋପଣ କରିଥିଲେ । ଏହି ରକ୍ତଦାନ ଶିବିରରେ ୨୯ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପରେ ସନ୍ତରାଗାଡିଆ ହସ୍ପିଟାଲ୍ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ କପିଳ ସାମଲ, ଦେବେନ୍ଦ୍ର କୁମାର ଦାସ, ଅଜୟ କୁମାର ମହାଳିକ, ବିଜୟ କୁମାର ପ୍ରଧାନ, ପାପୁ ଗୋସ୍ୱାମୀ, ରତିକାନ୍ତ ରାଉତ, କାର୍ତ୍ତିକ ପୁଥାଳ, କୌଶିକ ମହାନ୍ତି, ଭାଗିରଥି ସାହୁ, ସୁଦାମ ଦାସ, ,ବିସ୍ମୟ କୁମାର ମଲ୍ଲିକ,ବିଜୟ ଗାଁଣ, ଦୀପକ ମହାନ୍ତି, ଲକ୍ଷ୍ମୀଧର ପଣ୍ଡା,ଗଣେଶ ଚନ୍ଦ୍ର ରଣା, ମଞ୍ଜୁଲତା ରଣା, କବିତା ସାହୁ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଓଡ଼ିଆ ଖଣି ବ୍ୟବସାୟୀଙ୍କ ....

୭ଟି ଜମି ଓ ଫ୍ଲାଟ୍ , ଖୋର୍ଦ୍ଧାରେ ୬ଟି ଜମି, କଟକରେ ଗୋଟିଏ ଆବାସିକ ଫ୍ଲାଟ୍ ଓ ଭୁବନେଶ୍ୱରରେ ୪ଟି ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି । ହିମାଚଳପ୍ରଦେଶ କମ୍ପାନୀ ଇଣ୍ଡିଆନ ଟେକ୍ନୋମେକ୍ କମ୍ପାନୀ ଲିଃ ଦ୍ୱାରା ବ୍ୟାଙ୍କ ଋଣ ଜାଲିଆତିରେ ସମ୍ପୃକ୍ତିକୁ ନେଇ ପ୍ରିଭେନସନ୍ ଅଫ ମନି ଲଣ୍ଡ୍ରିଂ ଆକ୍ଟ(ପିଏମଏଲଏ)-୨୦୦୨ର ପ୍ରାବଧାନ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗ୍ରହଣ କରିଛି । ଇଣ୍ଡିଆନ ଟେକ୍ନୋମେକ୍ କମ୍ପାନୀ ଓ ଏହାର ପ୍ରମୋଟରମାନଙ୍କ ଦ୍ୱାରା ଏହି ବ୍ୟାଙ୍କ ଋଣ ଜାଲିଆତି ବିରୁଦ୍ଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଖରେ ହିମାଚଳ ପ୍ରଦେଶ କ୍ରାଇମବ୍ରାଂଚ ପକ୍ଷରୁ ଏଫଆଇଆର ରୁଜୁ ହୋଇଥିଲା । ତଦନ୍ତବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହା ଏକ ସୁସଂଗଠିତ ବ୍ୟାଙ୍କ ଠକେଇ ବୋଲି ଜାଣିବାକୁ ପାଇଥିଲେ । ଇଣ୍ଡିଆନ ଟେକ୍ନୋମେକ୍ ଯେଉଁ ଉଦ୍ଦେଶ୍ୟରେ ଋଣ ଅର୍ଥକୁ ବ୍ୟାଙ୍କ ଅଫ ଇଣ୍ଡିଆରୁ ଆଣିଥିଲା ସେଦିଗରେ ଖର୍ଚ୍ଚ କରିନଥିଲା । ବରଂ ନିଜର ଅନ୍ୟ ଏକ ସହାୟକ କମ୍ପାନୀ ଆଇଟିସିଓଏଲ୍ ହାଇଡ୍ରୋକାର୍ବନ ଲିମିଟେଡ୍ ଏବଂ ଭୁବନେଶ୍ୱର ଅନମୋଲ ମାଇନ୍ସ ଲିଃ ସହ ଯୌଥ ଉଦ୍ୟୋଗ କରି ଏହି ଅର୍ଥ ବିନିଯୋଗ କରିଥିଲା । ଉକ୍ତ ଋଣ ଅର୍ଥକୁ ଜମି କ୍ରୟ, କୋଠା ନିର୍ମାଣ ଆଦିରେ ବିନିଯୋଗ କରାଯାଇଥିଲା । ଏହି ଆର୍ଥିକ ଠକେଇ ଅପରାଧରେ ମନିଲଣ୍ଡ୍ରିଂ ଆକ୍ଟରେ ପୂର୍ବରୁ ୨୮୮.୯୧କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଥିଲା । ଏବେ ଜବତ ସମ୍ପତ୍ତିକୁ ମିଶାଇ ମୋଟ ୩୧୦.୦୬କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଥିବା ଜଣାପଡ଼ିଛି ।

### ସଞ୍ଜୟଙ୍କୁ ଭଦ୍ରକ ଓ ପ୍ରତାପ...

ସାହାସ କରିପାରିନି । ପ୍ରମିଳା ମଲ୍ଲିକ ବାଚସ୍ପତି ହେବାପରେ କେନ୍ଦ୍ରାପଡ଼ା ବିଜେଡି ପର୍ଯ୍ୟବେକ୍ଷକ ପଦ ଖାଲି ପଡ଼ିଥିଲା । ସୂଚନା ଅନୁସାରେ, ସାଧାରଣ ନିର୍ବାଚନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମାଙ୍କୁ ପୁଣିଥରେ ସକ୍ରିୟ ସାଂଗଠନିକ ଦାୟିତ୍ୱ ନ୍ୟସ୍ତ ହୋଇଛି । ଶ୍ରୀ ଦାସବର୍ମାଙ୍କୁ ୨୦୨୧ ଜୁନ୍ ମାସରେ ଦଳୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ଏବଂ ୨୦୨୨ ଜୁନ୍ ମାସରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ପଦରୁ ହଟାଇ ଦିଆଯାଇଥିଲା । ସଞ୍ଜୟଙ୍କ ଭଳି ବରିଷ୍ଠ ନେତାଙ୍କୁ ପ୍ରାୟ ୨ବର୍ଷ ଧରି ଏକରକମ କୋଣଠେସା କରି ରଖାଯାଇଥିଲା । ମାତ୍ର ଏବେ ସାଧାରଣ ନିର୍ବାଚନ ପୂର୍ବରୁ ସଞ୍ଜୟଙ୍କୁ ସକ୍ରିୟ ସାଂଗଠନିକ ଦାୟିତ୍ୱ ନ୍ୟସ୍ତ ହୋଇଛି । ତାଙ୍କୁ ଭଦ୍ରକ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ବିଜେଡି ସୁପ୍ରିମୋ ନିଯୁକ୍ତି ଦେଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଗୃହ ଜିଲ୍ଲାରେ ସଞ୍ଜୟଙ୍କ ଭଳି ଅଭିଜ୍ଞ ନେତାଙ୍କୁ ଦାୟିତ୍ୱ ଦେଇ ଦଳ ସେଠାରେ ବିଜେପିର ପ୍ରଭାବ ହ୍ରାସ ପାଇଁ ରଣନୀତି ପ୍ରସ୍ତୁତ କରିଛି । ଦଳୀୟ ଅନ୍ତଃକନ୍ଦଳ ଯୋଗୁ ଭଦ୍ରକରେ ବିଜେଡି ବ୍ୟାକଫୁଟରେ ରହିଛି । ଯେଉଁଥିପାଇଁ ଦଳକୁ ଧାମନଗରରେ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା । ଏବେ ଭଦ୍ରକର ସ୍ଥିତି ସଜାଡ଼ିବାକୁ ସଞ୍ଜୟଙ୍କ ଉପରେ ଦଳ ଭରସା କରିଛି । ସଞ୍ଜୟଙ୍କୁ ୨୦୨୧ ଜୁନ୍ ମାସରେ ଅଚାନକ ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ପଦରୁ ଦଳ ହଟାଇ ଦେଇଥିଲା । ମାତ୍ର ତାଙ୍କର ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ପଦ ବଜାୟ ରହିଥିଲା । ନିର୍ବାସନରୁ ସଞ୍ଜୟଙ୍କୁ ଆଣି ତାଙ୍କୁ ସକ୍ରିୟ ଭୂମିକା ଦେଇ ପୁରୀ ଜିଲ୍ଲାରେ ନିର୍ବାଚନୀ ସଫଳତା ପାଇଁ ବିଜେଡି ଏବେଠୁ ରଣନୀତି ପ୍ରସ୍ତୁତ କରିଛି । ଏହି ନୂଆ ଦାୟିତ୍ୱ ମିଳିବା ପରେ ପ୍ରତିକ୍ରିୟା ଦେଇ ଶ୍ରୀ ଦାସବର୍ମା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ନିଷ୍ଠା ଓ ଆନ୍ତରିକତାର ସହ ନିର୍ବାହ କରିଛି । ଏବେ ଯେଉଁ ଦାୟିତ୍ୱ ମିଳିଛି ତାକୁ ପୂର୍ବଭଳି ନିଜ ସାଧମତେ ନିର୍ବାହ କରିବି । ତାଙ୍କ ଉପରେ ଭରସା ଓ ଆସ୍ଥା ପ୍ରକଟ କରିଥିବାରୁ ସେ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ଭଦ୍ରକର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ନ୍ୟସ୍ତ ହୋଇଛି । ମାହାଙ୍ଗା ଡବଲ ମର୍ଡର ମାମଲାରେ ଅଭିଯୁକ୍ତ ପ୍ରତାପ ଜେନା ଏବେ ଆଇନଗତ ବିବାଦ ଭିତରେ ଫସି ରହିଛନ୍ତି । ନିର୍ବାଚନୀ ବର୍ଷରେ ବିବାଦ ସତ୍ତ୍ୱେ ଦଳ ପ୍ରତାପଙ୍କୁ ଏଭଳି ଏକ ଜିଲ୍ଲାର ଦାୟିତ୍ୱ ନ୍ୟସ୍ତ କରିଛି ଯାହାର ଲୋକସଭା କ୍ଷେତ୍ର ଅଧୀନରେ ତାଙ୍କ ନିଜସ୍ୱ ନିର୍ବାଚନମଣ୍ଡଳୀ ଆସୁଛି । ଅର୍ଥାତ୍ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପ୍ରତାପଙ୍କ ମାହାଙ୍ଗା ନିର୍ବାଚନମଣ୍ଡଳୀ ରହିଛି । ବିଜେଡି ସୂତ୍ର ଅନୁସାରେ, ସାଧାରଣ ନିର୍ବାଚନ ପୂର୍ବରୁ ଦଳ ନିଜର ସବୁ ଗୋଷ୍ଠୀର ନେତାମାନଙ୍କୁ ଏକଜୁଟ କରିବା ନିମନ୍ତେ ପ୍ରୟାସ କରୁଛି । ସଞ୍ଜୟଙ୍କ ଭଳି ପୁରୁଖା ନେତାମାନଙ୍କୁ ସକ୍ରିୟ ସାଂଗଠନିକ କାର୍ଯ୍ୟରେ ଉପଯୋଗ କରିବାର ଫାଇଦା ଦଳକୁ ନିଶ୍ଚିତ ମିଳିବ । ଯେଉଁ ଗୋଷ୍ଠୀ ଗତ କିଛିବର୍ଷ ଧରି ଦଳୀୟ ସାଂଗଠନିକ କାର୍ଯ୍ୟ ଉପରେ ନିଜର ହାକିମାତି ଦେଖାଇବାକୁ ପ୍ରୟାସ କରୁଛନ୍ତି, ସେମାନଙ୍କ ରାଜନୀତିକ ଅସ୍ତିତ୍ୱ ଓ ଲୋକପ୍ରିୟତା ଯେ ନାହିଁ ତାହା ବିଜେଡି ନେତୃତ୍ୱ ଓ ରଣନୀତିକାର ବୁଝିସାରିଲେଣି । ଏବେ ଦଳ ନିଜର ଘରସଜଡ଼ା ପର୍ବ ଆରମ୍ଭ କରିଛି ଓ ଚଳିତବର୍ଷ ଶେଷ ସୁଦ୍ଧା ଅଣଦେଖା ହୋଇ ରହିଥିବା ବରିଷ୍ଠ ନେତାମାନଙ୍କୁ ସକ୍ରିୟ କରାଇବାକୁ ବିଜେଡି ନେତୃତ୍ୱ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି ।

### କେତେ ଚାନ୍ଦା ଆଦାୟ...

ଏ ବାବଦରେ କୌଣସି ଡାଟା କାହିଁକି ଦିଆଯାଇନାହିଁ ବୋଲି ଇସିଙ୍କୁ କୋର୍ଟ ପ୍ରଶ୍ନ କରିଛନ୍ତି । ଆପଣଙ୍କ ପାଖରେ ୨୦୨୩ ଯାଏଁ ସମସ୍ତ ଡାଟା ରହିବା ଆବଶ୍ୟକ ବୋଲି ଜଷ୍ଟିସ ସଞ୍ଜିବ ଖନ୍ନା କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ସଞ୍ଜୀବ ଖନ୍ନା, ଜଷ୍ଟିସ ବିଆର ଗଓ୍ୱଇ, ଜଷ୍ଟିସ ଜେବି ପାରଦିବାଲା ଓ ଜଷ୍ଟିସ ମୋନଜ ମିଶ୍ରାଙ୍କ ଖଣ୍ଡପୀଠ ଆଜି ଏହି ମାମଲର ଶୁଣାଣି କରିଛନ୍ତି । ଇଲେକ୍ଟୋରାଲ ବଣ୍ଡ ସ୍କିମ ମାମଲାରେ ୪ଟି ଆବେଦନ ଦାଖଲ ହୋଇଛି । ଏଥିରେ କଂଗ୍ରେସ ନେତା ଜୟା ଠାକୁର ଓ ସିପିଏମ୍‌ର ପିଟିସନଗୁଡିକ ମଧ୍ୟ ସାମିଲ ଅଛି ।

### ଏଥିକ୍ସ କମିଟିରେ...

ମହିଳାଙ୍କୁ ଅଯୁକ୍ତିକର ପ୍ରଶ୍ନ ପଚରାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି । ଏହାକୁ ନେଇ ବିରୋଧୀ ସଦସ୍ୟ ରାଗି ଯାଇଛନ୍ତି । କମିଟି ବୈଠକକୁ ଅଧାରେ ଛାଡି ସାଂସଦମାନେ ବାହାରକୁ ଚାଲି ଆସିଛନ୍ତି । କ୍ୟାମେରା ଆଗରେ ମହୁଆ ମୋଇତ୍ରା କିଛି ନକହି ରାଗରେ ଚାଲିଯାଇଛନ୍ତି । ସେପଟେ ବିଏସ୍‌ପି ସାଂସଦ ଦାନିଶ ଅଲୀ ବିରୋଧୀ ୱାକ୍ ଆଉଟ୍ କରିଛନ୍ତି ବୋଲି ସୂଚନା ଦେଇଛନ୍ତି । ସୂଚନା ମୁତାବକ, ଟଙ୍କା ନେଇ ପ୍ରଶ୍ନ ପଚାରିବା ମାମଲାରେ ଆଜି ଏଥିକ୍ସ କମିଟିରେ ହାଜର ହୋଇଥିଲେ ମହୁଆ ମୋଇତ୍ରା । ଏଥିକ୍ସ କମିଟି ୨ ଘଣ୍ଟା ଯାଏ ଆଇଟି, ବିଦେଶ ଓ ଗୃହ ମନ୍ତ୍ରଣାଳୟର ରିପୋର୍ଟ ଯାଞ୍ଚ କରିବା ପରେ ମହୁଆଙ୍କୁ ପଚରାଉଚରା କରିବା ପାଇଁ ଡାକିଥିଲା । ଏହାପରେ ସେ କମିଟି ଆଗରେ ହାଜର ହୋଇ ଦେଢ଼ ଘଣ୍ଟା ଯାଏ ନିଜ ପକ୍ଷ ରଖିଥିଲେ । ଏହି ସମୟରେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରସଙ୍ଗ କରାଯାଉଥିବା କହିଥିଲେ । ସେ କିଛି ଭୁଲ୍ କରିନାହାନ୍ତି ବୋଲି ମଧ୍ୟ କହିଥିଲେ ।

### ଆସିଲେନି ମନୋଜ...

ତାଙ୍କ ଉପରେ ଯେଉଁ ବ୍ୟାନ୍ ଲାଗିଥିଲା, ତାହା ଉଠାଇ ପାଇଁ ସମସ୍ତେ ରାଜି ହୋଇଥିଲେ । ଏହା ନିଶ୍ଚିତ ଆମ ପାଇଁ ଭଲ କଥା । ଆଗକୁ ଏହାକୁ କେମିତି ଆହୁରି ସୁରକ୍ଷିତ କରାଯିବ, ସେ ବିଷୟରେ ଆଜି ଆଲୋଚନା ହେଲା ବୋଲି ଶ୍ରୀତମ କହିଛନ୍ତି । ସିନେ ପ୍ରଯୋଜକ ସଂଜୟ ନାୟକ କହିଛନ୍ତି, ଆମେ ସମସ୍ତ ନିଷ୍ପତ୍ତି ନେଇଥିଲୁ ମନୋଜ ମିଶ୍ରଙ୍କ ଉପସ୍ଥିତିରେ ବ୍ୟାନ ହଟାଇ ଦେବୁ । ଘଣ୍ଟେରୁ ଅଧିକ ସମୟ ଧରି ବସିଥିଲୁ । ବାରମ୍ବାର କୁନାବାବୁ ଫୋନ୍ କରିଥିଲେ । ହେଲେ ସେ ଉଠାଇଲେ ନାହିଁ । ମୁଁ ବୁଝିପାରୁନି, ସେ ଗୋଟିଏ ମିଛ ଅହଙ୍କାରରେ ରହିଛି । ସେ ଆମ ଘରର ମେମ୍ବର, ଗୋଟିଏ ଭୁଲ୍ କରିଥିଲା । ଠିକ୍ ଅଛି, କ୍ଷମା କରିଦେବା ବୋଲି ସଂଜୟ ନାୟକ କହିଛନ୍ତି । ସେପଟେ ଓଲିଉଡରେ ଚାଲିଥିବା କଳାକାର କଳିକୁ ନେଇ ତେରଚ୍ଛା ବାଣ ମାରିଛନ୍ତି ନିକଟରେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପାଇଥିବା ଜାତୀୟ ପୁରସ୍କାର ପାଇଥିବା ପ୍ରଯୋଜକ ଅନୁପମ ପଟ୍ଟନାୟକ । 'ଏକ୍ସ'ରେ କରିଥିବା ପୋଷ୍ଟରେ ସେ ଲେଖିଛନ୍ତି, ଓଡ଼ିଶା ଏକ, ପୂର୍ବ କି ପଶ୍ଚିମ କିଛି ନାହିଁ । ସେହିପରି ପୂରା ଫିଲ୍ମ ଇଣ୍ଡଷ୍ଟ୍ରି ଗୋଟିଏ । ଯେଉଁ ଫିଲ୍ମ ଆମେ ତିଆରି କରୁଛୁ, ତାହା କେବଳ ଓଡ଼ିଶା ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ବୋଲି ଅନୁପମ ଲେଖିଛନ୍ତି ।

### ଡିସିପିଙ୍କ ଖୁଲାସା...

କରିଥିବା ପୁଲିସ୍ କହିଛି । ଅଭିଯୁକ୍ତଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଆଜି ଏହି ହତ୍ୟାକାଣ୍ଡ ପଛର କାରଣ ବଖାଣିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ । ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଭୁବନେଶ୍ୱର ଡିସିପି କହିଛନ୍ତି, ମୃତ ନାବାଳକର ବାପା, ମା' ଟ୍ୟୁସନ୍ କରନ୍ତି । ହତ୍ୟା କରିଥିବା +୨ ଛାତ୍ର ଜଣକ ସେଠାରେ ପ୍ରାୟ ୨ ବର୍ଷ ପୂର୍ବେ ଟ୍ୟୁସନ୍ ହେଉଥିଲେ । ତାଙ୍କର ପ୍ରାୟ ୩ରୁ ୫ ହଜାର ଟଙ୍କା ଟିଉସନ୍ ଫି' ବାକି ରହିଥିଲା । ବାକି ଟଙ୍କା ଦେବାକୁ ତାକୁ ଟିଉସନ୍ ସାର୍ ବାରମ୍ବାର ତାଗିଦ କରିବାରୁ ସେ ଲଜ୍ଜିତ ହେବା ସହ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲେ । ଏହାପରେ ଅଭିଯୁକ୍ତ ଜଣକ ଗତକାଲି ସନ୍ଧ୍ୟାରେ ନାବାଳକଙ୍କ ଘରେ ପଶିଥିଲା । ଉକ୍ତ ସମୟରେ ନାବାଳକଙ୍କ ପରିବାର ସଦସ୍ୟ ଉପର ମହଲାରେ ଥିବା ବେଳେ ସେ ତଳ ମହଲାରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ଏହାପରେ ସେ ଛୁରୀରେ ନାବାଳକଙ୍କୁ ବାରମ୍ବାର ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଶୁଭମଙ୍କ ଚିତ୍କାର ଶୁଣି ପରିବାର ସଦସ୍ୟ ତଳକୁ ଆସି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ସେମାନେ ତାକୁ ମେଡିକାଲ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ତୁରନ୍ତ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଯାଞ୍ଚ କରିବାରୁ ଏକ ବ୍ୟାଗରେ ୟୁନିଫର୍ମ ପଡ଼ିଥିବା ଦେଖିବାକୁ ପାଇଥିଲ । ଏହାପରେ ତଦନ୍ତ କରି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଥିବା କହିଛନ୍ତି । ପଚରାଉଚରା ପରେ ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ । ଶୁଭମ ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ବେଳେ ଗତକାଲି ପରୀକ୍ଷା ପାଇଁ ସେ ଘରେ ପ୍ରସ୍ତୁତ ହେଉଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ । ଶୁଭମଙ୍କ ଏପରି ଅଚାନକ ମୃତ୍ୟୁ ତାଙ୍କ ପରିବାର ସମେତ ଗ୍ରାମବାସୀ ଓ ଆଦର୍ଶ ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଶକ୍ତ ଧକ୍କା ଦେଇଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସିପିଆଇ ତରଫରୁ ଦୁଇ ଦିବସୀୟ ଐତିହାସିକ ପଦଯାତ୍ରା

ନୀଳଗିରି , ୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ମୟୂରଭଞ୍ଜ ସୀମାନ୍ତ ଝରଣଘାଟି ଠାରୁ ଆରମ୍ଭ ହୋଇଥିବା ଐତିହାସିକ ପଦଯାତ୍ରାର ଗୁରୁବାର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ସଜନାଗଡ଼ ମା ଭୁଦାରଚଣ୍ଡୀ ପୀଠରୁ ବାହାରି ବିରାଟ ପଦଯାତ୍ରାରେ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ପହଞ୍ଚି ପହଂଚି ୫ଦଫା ସମ୍ବଳିତ ଦାବୀପତ୍ର ମହାମହିମ ରାଷ୍ଟ୍ରପତି, ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ବିଗତ ୩ ପୁରୁଷରୁ ଉର୍ଦ୍ଧ ସମୟ ଧରି ବସବାସ କରୁଥିବା ଭୂମିହୀନ ଆଦିବାସୀ ମାନଙ୍କ ପାଇଁ ଘରଡ଼ିହପଟ୍ଟା , ଚାଷଜମି ପଟ୍ଟା ପ୍ରଦାନ,ଦଳିତ ପଛୁଆ ବର୍ଗ ସହିତ ଅନ୍ୟ ବର୍ଗର ଭୂମିହୀନ ମାନଂକୁ ପଟ୍ଟା ପ୍ରଦାନ, ନୀଳଗିରି ଉପଖଣ୍ଡ ରେ ସ୍ୱତନ୍ତ୍ର ସେଲ ଗଠନ କରି ଭୂମି ହୀନ ମାନଙ୍କୁ ଚିହ୍ନଟ କରି ପଟ୍ଟା ପ୍ରଦାନ ତ୍ୱରାନ୍ୱିତ କରିବା, ବର୍ଷା ଅଭାବ ରୁ ଫସଲ ହାନି କାରଣରୁ ନୀଳଗିରି ଅଞ୍ଚଳକୁ ସମ୍ପୂର୍ଣ ମରୁଡି ଘୋଷଣା କରିବା ସହିତ ଚାଷୀ କୁ ଇନ୍ସୁରାନ୍ସ, ଇନପୁଟ ସବସିଡି ଯୋଗାଇ ଦେବାକ୍ଷ ସହିତ ଚାଷ ଋଣ ସମ୍ପୂର୍ଣ ଛାଡ଼ କରିବା,ନୀଳଗିରି ରେ ଜଳ ସେଚନ ର ବ୍ୟାପକ ବ୍ୟବସ୍ଥା କରିବା ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୦୦୦ ଧାର୍ଯ୍ୟ କରାଯାଉ ଭଳି ଦାବି ପତ୍ରରେ ଉଲ୍ଲେଖ ରହିଛି। ପଦଯାତ୍ରା କୁ ଉତ୍ସାହିତ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଅଭୟ କୁମାର ସାହୁ, ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଏହି ଐତିହାସିକ ପଦଯାତ୍ରାରେ ସାମିଲ ଥିଲେ। ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବୟୋଜ୍ୟେଷ୍ଠ ନେତା କରୁଣା କର ପରିଡା, ସହ ସମ୍ପାଦକ ଅନାମ ବାରିକ, ଜୋନ ସମ୍ପାଦକ ବିଜୟ ସ, ଯୁବ ନେତୃତ୍ୱ ପୁରୁଷୋତ୍ତମ ସେଠି, ନିହାର ରଞ୍ଜନ ଜେନା, ଭୋଳାନାଥ ମାଝୀ, ହରେକୃଷ୍ଣ ପଣ୍ଡିତ, ବିଦ୍ୟାଧର ବେହେରା, କମଳାକାନ୍ତ ମହାନ୍ତି, ବିକ୍ରମ ମିଶ୍ର, ମହିଳା ନେତ୍ରୀ କମଳା ବେହେରା, ଗାୟତ୍ରୀ ପଣ୍ଡା, ମଞ୍ଜୁଲତା ବେହେରା, ଅରୁଣା ବାରିକ, ବାସନ୍ତୀ ନାୟକ, ଆଦିବାସୀ ନେତା ଜଗନ୍ନାଥ ଟୁଡୁ, ମନୋଜ ସିଂ, ଦେବାନ ମାରାଣ୍ଡି , ବନମାଳୀ କିସ୍କୋ, ମୁନି ସିଂ, ବାସନ୍ତୀ ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜିଲ୍ଲାସ୍ତରୀୟ ସୁନାମୀ ଡ୍ରିଲ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୨/୧୧ (ନି.ପ୍ର): ଆଜି ସ୍ଥାନୀୟ ସଭାବନା ସଭାଗୃହ ଠାରେ ସୁନାମୀ ଡ୍ରିଲ ସମ୍ବଧୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମ୍ପୂର୍ଣ ହୋଇ ଯାଇଛି । ଆସନ୍ତା ୫.୧୧.୨୦୨୩ ରିଖ ଦିନ ହେବାକୁ ଥିବା ବିଶ୍ୱ ସୁନାମୀ ଦିବସ ଅବସରରେ ଜିଲ୍ଲାର ତିନୋଟି ବ୍ଲକର ୫ଟି ଗ୍ରାମରେ ସୁନାମୀ ମକ ଡ୍ରିଲ ଅନୁଷ୍ଠିତ ହେବ । ଏହି ମକ ଡ୍ରିଲ ପ୍ରକ୍ରିୟା ଏହାର ପର୍ଯ୍ୟାୟ ଓ କାର୍ଯ୍ୟନୟନ ବିଷୟରେ ତହସିଲଦାର, ବିଡିଓ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ମାନଙ୍କୁ ଆଜି ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ୍ରାଫ୍, ଅଗ୍ନିସମ ବାହିନୀ, ଅତିରକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଏହାକୁ ବିଶଦ ଭାବରେ ବ୍ୟାଖ୍ୟା କରିଥିଲେ । ଆସନ୍ତାକାଲି ତିନୋଟି ବ୍ଲକରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଅଛି ଓ ପରିଶେଷରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସମସ୍ତଙ୍କୁ ସେମାନଙ୍କର ଉପସ୍ଥିତି ଓ ମୂଲ୍ୟବାନ ଉପଦେଶ ପାଇଁ ଧନ୍ୟବାଦ ଅର୍ପଣକରି ସଭା କାର୍ଯ୍ୟ ଶେଷ କରିଥିଲେ।

# ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଦୁର୍ନୀତି ନିବାରଣ ସଚେତନତା

ଭଦ୍ରକ , ୨/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅକ୍ଟୋବର ୩୦ ରୁ ଆରମ୍ଭ ହୋଇ ନଭେମ୍ବର ୫ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଏହି ସଚେତନତା ସପ୍ତାହ ଉପଲକ୍ଷେ ପ୍ରଥମ ଦିନ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ଶପଥପାଠ ଉତ୍ସବ ଓ ଆଲୋଚନା ଚକ୍ରପରେ ୧ ନଭେମ୍ବର ଅପରାହ୍ଣରେ ଜିଲ୍ଲା ସ୍ତରରେ ପ୍ରାୟ ୨୦୦ ମିଶନ ଶକ୍ତି ମହିଳାମାନଙ୍କୁ ନେଇ ଏକ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ ତାରିଖ ଗୁରୁବାର ପୂର୍ବାହ୍ଣରେ ସ୍କୁଲ ପିଲାଙ୍କୁ ନେଇ ଏକ ଶୋଭାଯାତ୍ରା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ ଜରିଆରେ ଦୁର୍ନୀତି ନିବାରଣ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକରୁ ଏହି ଶୋଭାଯାତ୍ରା ବାହାରି ଟାଉନ୍‌ହଲଛକ, ଅପର୍ତ୍ତିବିନ୍ଧା ଛକ, ବନ୍ତଛକ ଦେଇ ସହରର ମୁଖ୍ୟରାସ୍ତା ପରିକ୍ରମା ପୂର୍ବକ ଆରମ୍ଭ ଜାଗାରେ ଶେଷ ହୋଇଥିଲା। ଦୁର୍ନୀତି ନିବାରଣ ବିଭିନ୍ନ ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ୍, ବ୍ୟାନର ପ୍ରଦର୍ଶନ ପୂର୍ବକ ଡାକବାଜି ଯନ୍ତ୍ର ଦ୍ୱାରା ସ୍ଲୋଗାନ୍ ଏହି ଶୋଭାଯାତ୍ରାରେ ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ଅଙ୍କୁର ବାରିକ ସହଯୋଗ କ୍ରମେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜାସିର୍କା ଜିଲ୍ଲା କ୍ରୀଡ଼ା ଅଧିକାରୀ




ପଦ୍ମନ ରାୟ, ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, ବିଜୟ କୁମାର ବେହେରା, ରାଜକିଶୋର ଚୌଧୁରୀ, ନବ କିଶୋର ପଣ୍ଡା, ମନୋଜ କୁମାର ସାହୁ, ତନୁଜା ଓଝା, ସସ୍ମିତା ମହାପାତ୍ର ପ୍ରମୁଖ ସାମିଲ ରହି ଶୋଭାଯାତ୍ରା ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଏହି ଶୋଭାଯାତ୍ରା ପରିକ୍ରମାରେ ଟ୍ରାଫିକ ଓ ପୋଲିସ ବିଭାଗୀୟ ଅଧିକାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଶୋଭାଯାତ୍ରା ସମାପ୍ତି ପରେ ପରେ ଜିଲ୍ଲା ସଂସ୍କୃତି ବିଭାଗ ଅନୁମୋଦନରେ ଭଦ୍ରକ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସହଯୋଗରେ ଗାୟକ ଅରବିନ୍ଦ ବାରିକ ଓ ତାଙ୍କ ସାଥୀଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ସମ୍ବନ୍ଧୀୟ ବିଷୟାବଳୀ ନେଇ ପାଲା ପରିବେଷଣ କରାଯାଇଥିଲା।

# କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ



ଖଇରା, ୨/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଗୁରୁବାର ଦିନ ଲାଇବ୍ରେରୀ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ପ୍ରଫୁଲ୍ଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଦିବଂଗତ ସଦସ୍ୟଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରଥମେ ଗତ୧୧ତାରିଖରେ ମହାସଂଘ ଡାକରାରେ ଭୁବନେଶ୍ୱର ଠାରେ ଆୟୋଜିତ ସମାବେଶ ଉପରେ ଆଲୋଚନା କରାଯାଇଥିଲା । ପରେ ସଂଘର ନୂତନ ଗୃହ ନିର୍ମାଣ ଓ ବାର୍ଷିକ ଉତ୍ସବ ପାଳନ ଉପରେ ଆଲୋଚନା କରାଯାଇଥିଲା ।ଡିସେମ୍ବର ଶେଷ ସପ୍ତାହ ରେ ପାଳନ ପାଇଁ ଅଧିକାଂଶ ସଭ୍ୟ ମତ ପ୍ରଦାନ କରିଥିଲେ । ନଭେମ୍ବର ୨୦ତାରିଖ ପୂର୍ବରୁ ସମସ୍ତେ ପତ୍ରିକା ପାଇଁ ଲେଖା ପଠାଇବାକୁ ସଭାପତି ଅନୁରୋଧ କରିଥିଲେ । ବୈଠକ ସମ୍ପାଦକ ଶତ୍ରୁଘ୍ନ ଦାସ, ବାସୁଦେବ ପଣ୍ଡା, ନାରାୟଣ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି, ପ୍ରଦିପ୍ତ ଶିଅ, ନାରାୟଣ ପେଡା, ପରେଶ ଦକ୍ଷିଣରାୟ, ବସନ୍ତ କୁମାର ଦାସ, ଭରତ ଚନ୍ଦ୍ର ଦାସ, ଉମାକାନ୍ତ ଭୁଜବଳ, ସୁରେନ୍ଦ୍ର ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜି ଭାରତ ଗସ୍ତରେ ଆସିବେ ଭୁଟାନ ରାଜା

ନୂଆଦିଲ୍ଲୀ, ୨/୧୧ (ନି.ପ୍ର): ଭାରତ ଆସିବେ ଭୁଟାନ ରାଜା ଜିଗମେ ଖେସର ନାମଗ୍ୟାଲ ବାଙ୍ଗଚୁକ । ନଭେମ୍ବର ୩ରୁ ୧୦ ତାରିଖ ଯାଏ ଭାରତ ଗସ୍ତରେ ରହିବେ ଭୁଟାନ ରାଜା । ତାଙ୍କ ସହିତ ଭୁଟାନର ରାଜ ସରକାରଙ୍କ ବରିଷ୍ଠ ଅଧିକାରୀ ସାମିଲ ହେବେ। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ, ଭୁଟାନ ରାଜା ନିଜର ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବେ । ବୈଦେଶିକ ମନ୍ତ୍ରୀ ଓ ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀ ଭୁଟାନ ରାଜାଙ୍କୁ ସାକ୍ଷାତ କରିବେ । ଭୁଟାନ ରାଜା ଆସାମ ଓ ମହାରାଷ୍ଟ୍ର ରାଜ୍ୟ ମଧ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ବୟାନରେ କୁହାଯାଇଛି ଯେ, ଭାରତ ଓ ଭୁଟାନ ମଧ୍ୟରେ ବନ୍ଧୁତା ଓ ସହଯୋଗପୂର୍ଣ୍ଣ ସମ୍ପର୍କ ରହିଛି । ପାରସ୍ପରିକ ବୁଝାମଣା ଓ ବିଶ୍ୱାସ ଏହାର ବିଶେଷତା । ଏହି ଯାତ୍ରା ଦୁଇ ଦେଶକୁ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା ଓ ବିଭିନ୍ନ କ୍ଷେତ୍ରରେ ଆଦର୍ଶ ଦ୍ୱିପାକ୍ଷିକ ସହଭାଗିତାକୁ ଆଗେଇ ନେବା ପାଇଁ ଏକ ସୁଯୋଗ ପ୍ରଦାନ କରିବ ।

# କଳା, ସାହିତ୍ୟ ଓ ସଂସ୍କୃତିର ପର୍ବ 'ଧୁମୁସା' : ପ୍ରମିଳା ପଣ୍ଡା

ଉଦଳା , ୨/୧୧ (ନି.ପ୍ର): କପ୍ତିପଦା ଉପଖଣ୍ଡ ସ୍ତରୀୟ ଉଦଳା ମହୋତ୍ସବ 'ଧୁମୁସା'କୁ ଚାହୁଁ ଚାହୁଁ ୨୧ ବର୍ଷ ପୁରିଲା । କିନ୍ତୁ ସରକାରୀ ଭାବେ ଏହା ୨୦୦୬ ମସିହାରୁ ଆରମ୍ଭ ହେଲା ବୋଲି ଗଣାଯାଉଥିବାରୁ ଚଳିତ ବର୍ଷ ୧୬ ବର୍ଷରେ ପଦାର୍ପଣ କଲା କୁହାଯାଉଛି । କିନ୍ତୁ ପ୍ରକୃତରେ ସ୍ୱେଚ୍ଛାସେବି ସଂଗଠନ 'ଆମେ ଭଂଜକଳାକାର' ର ନେତୃତ୍ୱରେ ସେ ସମୟର ଉପଜିଲ୍ଲାପାଳ ଉପେନ୍ଦ୍ର ମଲିକଙ୍କ ସହଯୋଗରେ ଏହି ମହୋତ୍ସବ ୨୦୦୧ ମସିହାରେ ଆରମ୍ଭ ହୋଇଥିଲା । କରୋନା ପାଇଁ



୨୦୨୦ ଓ ୨୦୨୧ ମସିହା ୨ ବର୍ଷ ପାଇଁ ବନ୍ଦ ରହିଥିଲା । ଉପଜିଲ୍ଲାପାଳ ବିକର୍ତନ ପୁଥାଳଙ୍କ ସମୟରେ ଏହି ମହୋତ୍ସବ ସରକାରୀ ମହୋତ୍ସବରେ କରିଣତ ହୋଇ ଯିବା ସହିତ ସେହି ସମୟରୁ ଅର୍ଥାତ ୨୦୦୬ ମସିହାରୁ 'ସ୍ମରଣିକା' ପ୍ରକାଶନ ଆରମ୍ଭ ହୋଇଥିଲା । ପରେ ସରୋଜ କୁମାର ସେଠୀ ଉପଜିଲ୍ଲାପାଳ ଭାବରେ ଉଦଳାରେ ଯୋଗଦେବା ପରେ ଏହି ମହୋତ୍ସବର ନାମ 'ଧୁମୁସା' ରଖାଯିବା ସହ ମହୋତ୍ସବକୁ ଅଧିକ ଅକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରାଯାଇଥିଲା । ମୋଟାମୋଟି ଭାବରେ ଉଦଳା ମହୋତ୍ସବ ପାଇଁ ଉପଜିଲ୍ଲାପାଳ ଉପେନ୍ଦ୍ର ମଲିକ, ବିକର୍ତନ ପୁଥାଳ ଓ ସରୋଜ କୁମାର ସେଠୀଙ୍କ ଅବଦାନକୁ କେବେ ଭୁଲି ହେବ ନାହିଁ ବୋଲି ନଗରପାଳ ପ୍ରମିଳା ପଣ୍ଡା ପ୍ରକାଶ କରିଛନ୍ତି । ସେ ଆହୁରି ମଧ କହିଛନ୍ତି କପ୍ତିପଦା ଉପଖଣ୍ଡର କଳା, ସାହିତ୍ୟ ଓ ସଂସ୍କୃତିର ଏକତ୍ର ସମନ୍ୱୟ ଦେଖିବାକୁ ମିଳିଥାଏ 'ଧୁମୁସା'ରେ। ଉଦଳା ମହୋତ୍ସବ ପାଇଁ ଜନସାଧାରଣଙ୍କର ଆବେଗ ଏତେମାତ୍ରାରେ ଜଡ଼ିତ ଯେ ଯାହାର ପ୍ରତିଫଳନ ଦେଖିବାକୁ ମିଳିଥିଲା ଗତବର୍ଷ ମହୋତ୍ସବରେ । ଯାହାକି କାହାରି ମାନସପଟରୁ ଆଜିବି ଲିଭି ନାହିଁ । ପ୍ରଶାସନକଳର ପଛଘୁଂଚା ଏପରି ପରିସ୍ଥିତି ସୃଷ୍ଟି କରିବାକୁ ବାଧ କରିଥିଲା ।

# ବରହମପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ଜାତୀୟ ଏକତା ଦିବସ' ପାଳିତ




ନୀଳଗିରି, ୨/୧୧ (ନି.ପ୍ର): ନୀଳଗିରି ବ୍ଲକ୍ ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ଜାତୀୟ ଏକତା ଦିବସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଗଡ଼ଜାତ ମିଶ୍ରଣ ଏବଂ ସ୍ୱାଧୀନତା ସଂଗ୍ରାମ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମର ନାଥ ସ, ଅଧ୍ୟାପକ ପ୍ରଭାତ କୁସୁମ ଆଚାର୍ଯ୍ୟ, ତାପସ କୁମାର ବେହେରା, ବିଜୟ କୁମାର ଜେନା, ରତୁପର୍ଣ୍ଣା ବେହେରା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ପୋଗ୍ରାମ ଅଫିସର ପ୍ରଭାତ କୁସୁମ ଆଚାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାବଲମ୍ବି ହେବା ଉଦେଶ୍ୟରେ ଶପଥ ପାଠ କରାଇ ଥିଲେ। ସର୍ବ ଶେଷରେ ଅଧ୍ୟାପିକା ରତୁପର୍ଣ୍ଣା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ତେଲେଙ୍ଗାନା ବିଧାନସଭା ନିର୍ବାଚନ- ବିଜେପି ୩୫ ପ୍ରାର୍ଥୀଙ୍କ ତାଲିକା କଲା ପ୍ରକାଶ

ନୂଆଦିଲ୍ଲୀ, ୨/୧୧ (ନି.ପ୍ର): ଭାରତୀୟ ଜନତା ପାର୍ଟି ଗୁରୁବାର ଦିନ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ୩୫ ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ତିନି ଅନୁସୂଚିତ ଜାତି ଏବଂ ପାଂଚ ଅନୁସୂଚିତ ଜନଜାତି ନେତାଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ଅଛି । ଏହି ତାଲିକାରେ ଜଣେ ମହିଳା ପ୍ରାର୍ଥୀଙ୍କ ନାମ ମଧ୍ୟ ରହିଛି। ବୁଧବାର ବିଜେପି ଅଧକ୍ଷ ଜଗତ ପ୍ରକାଶ ନଡାଙ୍କ ଅଧକ୍ଷତାରେ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ୩୫ ଜଣ ପ୍ରାର୍ଥୀଙ୍କ ତାଲିକା ଚୂଡାନ୍ତ ହୋଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟିର ଅନ୍ୟ ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ନଭେମ୍ବର ୩୦ ରେ ତେଲେଙ୍ଗାନାରେ ୧୧୯ ସଦସ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଡିସେମ୍ବର ୩ ରେ ନିର୍ବାଚନ ଫଳାଫଳ ଘୋଷଣା ହେବ ।

# ନର୍ସିଂ ଅଫିସର ପରୀକ୍ଷାରେ ରାଜ୍ୟରେ ଗୌରବ ଆଣିଲେ ଜଳେଶ୍ୱରର ଝିଅ

ଜଳେଶ୍ୱର , ୨/୧୧ (ନି.ପ୍ର): ଚଳିତ ବର୍ଷ ନର୍ସିଂ ଅଫିସର ପରୀକ୍ଷାକୁ ଓଡିଶା ସାବର୍ଡିନେଟ ଷ୍ଟାଫ ସିଲେକ୍ସନ କରାଇଥିଲେ । ନିକଟରେ ଏହାର ଫଳାଫଳ ପ୍ରକାଶ ପାଇଛି । ପ୍ରକାଶିତ ଫଳାଫଳରେ ଦେବସ୍ମିତା ସିଂହ ୮୧.୨୫ ନମ୍ବର ରଖି ସମଗ୍ର ରାଜ୍ୟରେ ମେଧାତାଲିକାରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି । ଏଥିରେ ୨୮ହଜାର ଛାତ୍ର/ଛାତ୍ରୀ ଜିଏନ୍‌ଏମ୍ ପରୀକ୍ଷା ଦେଥିବା ବେଳେ ସେଥିରୁ ୪ହଜାର କୃତକାର୍ଯ୍ୟ ହୋଇଛନ୍ତି । ସେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବଜାରଶୋଳ ଗାଁର ମୃତ୍ୟୁଞ୍ଜୟ ସିଂହ ଓ ସଂଜୁବାଳା ସିଂହଙ୍କର ୨ୟ କନ୍ୟା । ଏବେ ସେ ଏମ୍‌କେସିଜି ମେଡିକାଲ କଲେଜ ବ୍ରହ୍ମପୁରରେ ଅଧ୍ୟୟନରତ ଅଛନ୍ତି । ସେ ମ୍ୟାଟ୍ରିକ ପାସ୍ କରିବାପରେ ବାଗୁଡିସ୍ଥିତ ନବୋଦ୍ୟୟ ବିଦ୍ୟାଳୟରେ +୨ ପାସ୍ କଲାପରେ ବ୍ରହ୍ମପୁର ମେଡିକାଲ କଲେଜରେ ଜିଏନ୍‌ଏମ୍ ଶିକ୍ଷାଲାଭ କରୁଥିଲେ । ଏବେ ଏହି ସଫଳତା ପରେ ତାଙ୍କୁ ବାଲେଶ୍ୱରସ୍ଥିତ ଏଫଏମ୍ ମେଡିକାଲ କଲେଜରେ ନିଯୁକ୍ତି ମିଳିଛି। ଆସନ୍ତା ଦିନରେ ଏଥିରେ ପିଜି ହାସଲ କରି ଅଧ୍ୟାପନା କାର୍ଯ୍ୟରେ ନିୟୋଜିତ କରିବେ ବୋଲି କହିଛନ୍ତି । ଏହି ଘଟଣା ଜଣାଯିବାପରେ ଜଳେଶ୍ୱରରେ ଆନନ୍ଦର ଲହରୀ ଖେଳି ଯାଇଛି ।, ଜଳେଶ୍ୱର ନୂଆବଜାରରେ ତାଙ୍କ ବାପାଙ୍କ ବ୍ୟବସାୟ କେନ୍ଦ୍ର ଥିବାରୁ ସେଠାରେ ଭିଡ ଜମିଥିବା ଦେଖିବାକୁ ମିଳିଛି ।

# ନରସିଂହପୁର ଉ.ପ୍ରା. ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



ବାସୁଦେବପୁର, ୨/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ନରସିଂହପୁର ଉ ପ୍ରା ବିଦ୍ୟାଳୟ ର ସପ୍ତମ ଶ୍ରେଣୀ ଛାତ୍ରୀ ଦେବସ୍ମିତା ଧର ଶ୍ରୁତ ଲିଖନ ଓ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଦେବସ୍ମିତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ ଓ ତାଙ୍କର ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମିନତି ପଣ୍ଡା, ଆରତି ଲତା ନାୟକ, ଦୟାନିଧି ପଲେଇ, ରାଜେଶ କୁମାର ପ୍ରଧାନ, ଭାନୁମତି ଶଙ୍ଖୁଆ, ଆରତି ଧର ପ୍ରମୁଖ ସହଯୋଗ କରିଥିଲେ । ଏହି ବିଦ୍ୟାଳୟର ମେଧାବୀ ଛାତ୍ର ଛାତ୍ରୀ,ସୁନ୍ଦର ଫୁଲ ବଗିଚା ଓ ବିଭିନ୍ନ ପ୍ରକାର ଗଛ ପରିବେଶ କୁ ଖୁବ ମଧୁମୟ ଓ ଆକୃଷ୍ଟ କରି ପାରିଛି।

# ମା' ମନସା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ଉଦ୍‌ଯାପିତ



ଲଙ୍ଗଳେଶ୍ୱର,୦୨/୧୧ (ନିପ୍ର): ବାଲିଆପାଳ ବ୍ଲକ୍ ଅଳାଡ଼ିହା ପଞ୍ଚାୟତ ଅଧିନସ୍ଥ ଗଣ୍ଡଦଳା ବାଲିବିଲ ଗ୍ରାମର ତାରିଣୀ ଛକ ଠାରେ ମା' ମନସା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ମା' ମନସା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ନାରୀନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ମା' ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସଭିଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର, ଅଳାଡ଼ିହା ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳ ଲୋଚନ କର,ଯୁବନେତା ସନ୍ତୋଷ ମାହାଳିକ, ୱାର୍ଡ ସଭ୍ୟା ମମତା ଦେହୁରୀ,ବାବାଜୀ ଜେନା,ସପନ ପାତ୍ର,ପ୍ରଦୀପ ଜେନା,ସୁଶୀଳ ଦାସ,ଟୁଟୁ ବିଶ୍ୱାଳ,ଦିବାକର ସାମନ୍ତରାୟ,ବନମାଳି ବାଗ୍ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ । ଗଣ୍ଡଦଳା ବାଲିବିଲ ଗ୍ରାମର ଜୟାନନ୍ଦ କୁହ୍ଲାରୀ,ସୁବାସ ଦେହୁରୀ, ରବୀନ୍ଦ୍ର ଗିରି,ସଞ୍ଜୟ ବିଶ୍ୱାଳ,ନିରଞ୍ଜନ ବିଶ୍ୱାଳ,ଅନନ୍ତ ବେହେରା ପ୍ରମୁଖ ମା' ତାରିଣୀ ଯୁବକ ସଂଘର ସଦସ୍ୟମାନେ ମା' ମନସା ଦେବୀଙ୍କ ବାର୍ଷିକ ପୂଜାତ୍ସୋବ ପରିଚାଳନାରେ ସହଯୋଗ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo